## ସଂକ୍ଷେପରେ

### କାମରେ ଯୋଗଦେଉ ନାହାନ୍ତି ଅଧିକାରୀ

ଖଣ୍ଡପଡ଼ା,୧୨।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ପଦବୀ ଗତ ୭ ମାସ ଧରି ଖାଲି ପଡିଛି । ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଗଣିଆ ତହସିଲଦାର କିଶୋର କୁମାର ପଣ୍ଡା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଏବେ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି । ଫଳରେ ଖଣ୍ଡପଡା ଏନଏସି କାର୍ଯ୍ୟାଳୟରେ ପ୍ରଶାସନିକ ଅବ୍ୟବସ୍ଥା ଦେଖାଦେଇଛି । ଗତ କିଛି ଦିନ ତଳେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶିତ ପ୍ରଥମ ବଦଳି ତାଲିକା ଅନୁଯାୟୀ ସତ୍ୟସମର୍ପିତା ରାଉତଙ୍କ ଖଣ୍ଡପଡ଼ା ଏନ୍ଏସି କାର୍ଯ୍ୟାଳୟକୁ ନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଥିଲା। ମାତ୍ର ସମ୍ପୃକ୍ତ ପ୍ରଶାସନିକ ଅଧିକାରିଣୀ କାର୍ଯ୍ୟରେ ଯୋଗ ଦେଲେ ନାହିଁ। ଉକ୍ତ ବଦଳି ଆଦେଶ ବାତିଲ୍ ହେବା ପରେ ଏବେ ପୁନର୍ବାର ଆଉ ଏକ ନିର୍ଦ୍ଦେଶନାମା ଅନୁଯାୟୀ ପ୍ରଶାସନିକ ଅଧିକାରୀ ନିରଞ୍ଜନ କୁମାର ଧଳଙ୍କ ଖଣ୍ଡପଡା ଏନଏସିକୁ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି । ସମ୍ପୃକ୍ତ ଅଧିକାରୀ ଖଣ୍ଡପଡ଼ା ଏନଏସି କାର୍ଯ୍ୟାଳୟରେ ଯୋଗ ଦେବେ ନା ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ବଦଳି ଆଦେଶ ପରେ ଆଦେଶ ବାହାରୁଛି ମାତ୍ର ପ୍ରଶାସନିକ ଅଧିକାରୀମାନେ ଖଣ୍ଡପଡ଼ା ଏନଏସି କାର୍ଯ୍ୟାଳୟରେ ଯୋଗ ଦେଉ ନ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

### ଆଜି ଖଣ୍ଡପଡ଼ା ବ୍ଲକସ୍ତରୀୟ ସୁରଭି

ଖଣ୍ଡପଡ଼ା,୧୨।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ଲିଙ୍ଗରାଜ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର (୧୩ ତାରିଖ) ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ଖଣ୍ଡପଡ଼ା ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର କହିଛନ୍ତି।

### ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ

ଓଡ଼ଗାଁ,୧୨।୧୦(ଆଦର୍ଶ କୁମାର ପଟ୍ଟନାୟକ)

କନ୍ୟା ରତ୍ନ କର ଯତ୍ନ। ଏହି ଉକ୍ତିକୁ ସାକାର କରିବାକୁ ଓଡ଼ଗାଁ ବ୍ଲକ୍ କୋମଣ୍ଡ କ୍ଲଷ୍ଟର ଅନ୍ତର୍ଗତ ଭଗବତୀ ପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ରମାକାନ୍ତ ପ୍ରଧାନଙ୍କ ଆହ୍ୱାନ କ୍ରମେ ଶିକ୍ଷୟିତ୍ରୀ ସୁଚିତ୍ରା ପ୍ରଧାନ ଓ ନିଲମ ପ୍ରିୟଦର୍ଶିନୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନଙ୍କ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିବା ସହ ବାଳିକାମାନଙ୍କୁ ଶିକ୍ଷାକ୍ଷେତ୍ରରେ ଅଗ୍ରଣୀ କରିବାକୁ ସଚେତନତା ସୃଷ୍ଟି କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଲଳିତ ମୋହନ ମିଶ୍ର ଉପସ୍ଥିତ ଥିଲେ ।

# ୨ ଭାଇ ଗିରଫ, ଅଭିଯୁକ୍ତଙ୍କ ଘରେ ଚଢ଼ାଉ

## ଏପିଏମ୍ ଆପ୍‌ରେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣା

ନୟାଗଡ,୧୨।୧୦(ଲୋକନାଥ ମିଶ୍ର)

ଏପିଏମ୍ ଆପ୍‌ରେ ନୟାଗଡ଼ ଜିଲାରେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାରେ ନୟାଗଡ଼ ଟାଉନ ଥାନା ପୋଲିସ ସ୍ଥାନୀୟ ନୂଆ ରାଜବାଟୀ ଲେନ ଗାୟତ୍ରୀ କଲୋନୀର ଅରୁଣ କୁମାର ଦାସ (୫୨) ଓ ତାଙ୍କ ସାନ ଭାଇ ଅମୂଲ୍ୟ କୁମାର ଦାସ(୫୦)ଙ୍କୁ ଗିରଫ କରି ତଦନ୍ତ ଚାଲିଛି। ଗୁରୁବାର ସନ୍ଧ୍ୟାରେ ୨ଭାଇଙ୍କ ଘରର ତାଲା ଭାଙ୍ଗି ପୋଲିସ ତଲାସୀ କରି ପ୍ରମାଣ ସଂଗ୍ରହ କରିବାକୁ ଲାଗି ପଡିଛି। ଏନେଇ ନୟାଗଡ ଟାଉନ ଥାନା ଆଇଆଇସି ବିଜୟା ସାହୁ କୁହନ୍ତି, ନୟାଗଡ଼ ଟାଉନ ଥାନା ନିକଟସ୍ଥ ଖେଳପଡ଼ିଆ ଲେନର ତାପସ ରଞ୍ଜନ ସାହୁ ଏପିଏମ୍ ଆପ୍‌ରେ ଠକେଇର ଶିକାର ହୋଇଥିବା ଅଭିଯୋଗ କରିଥିଲେ। ସେ ୨ଲକ୍ଷ ୮୦ ହଜାର ଟଙ୍କା ଏପିଏମ୍ ଆପ୍‌ରେ ଡିପୋଜିଟ୍ କରିଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୪୫/୨୩) ରୁଜୁ କରି ତଦନ୍ତ କରିଥିଲା। ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁଙ୍କ ସୂଚନା ଅନୁସାରେ ନୟାଗଡ ଖେଳପଡିଆ ଲେନର ତାପସ ରଞ୍ଜନ ସାହୁ ଏପିଏମ୍ ଆପ୍‌ରେ ୨ ଲକ୍ଷ ୮୦ ହଜାର ଡିପୋଜିଟ୍ କରିଥିଲେ। ତେବେ ଏପିଏମ୍ ଆପ୍‌ରେ ନିଷ୍କ୍ରିୟ ହୋଇ ଯିବା ପରେ ଜମା ଟଙ୍କା ତାପସ ହରାଇ ବସିଥିଲେ। ତାପସଙ୍କ ଅଭିଯୋଗ କ୍ରମେ ବୁଧବାର ଏକ ମାମଲା ହୋଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗଠନ କରି ୨ ଭାଇଙ୍କୁ ଗିରଫ କରାଯାଇଛି। କୋର୍ଟ ଚାଲାଣ ପରେ ଦୁଇ ଭାଇଙ୍କୁ ରିମାଣ୍ଡରେ ଅଣାଯିବ।


ଗିରଫ ହୋଇଥିବା ୨ ଭାଇ ।

ଲୋକମାନେ ଲୋଭର ବଶବର୍ତ୍ତୀ ହୁଅନ୍ତୁ ନାହିଁ। ଲୋଭର ବଶବର୍ତ୍ତୀ ହେଲେ ସାଇବର ଠକେଇ ପରି ବିଭିନ୍ନ ଠକେଇରେ ଫସିବେ। ସାଇବର ଠକେଇ ନେଇ ପୋଲିସର ସଚେତନତାକୁ ଅଣଦେଖା କରନ୍ତୁ ନାହିଁ। ଅନ୍ୟପକ୍ଷେ ଏପିଏମ୍ ଆପ୍‌ରେ ଠକେଇ ଘଟଣାରେ ଟଙ୍କା ଜମା ଟଙ୍କା କେଉଁଠିକି ଯାଇଛି। ଏହି ଘଟଣାରେ କେଉଁ ମାନେ ସଂଶିଷ୍ଟ ଅଛନ୍ତି। ପୋଲିସର ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି। କେତେ ଟଙ୍କା ଠକେଇ ହୋଇଛି, କେତେଜଣ ଜମାକାରୀ ଅଛନ୍ତି ସେନେଇ କିଛି ଜଣାପଡିନି। ତେବେ ତଦନ୍ତକୁ ତ୍ୱରାନ୍ୱିତ ପାଇଁ ଦୁଇ ଭାଇଙ୍କୁ ଏପିଏମ୍‌ର ଅଫିସିଆଲ ଗ୍ରୁପରେ ୯୭୫୭ ସଭ୍ୟ ଏପିଏମ୍ ଆପ୍‌ରେ ଚିଟ ଫଣ୍ଡ ସଂସ୍ଥାର ଅଫିସିଆଲ ଗ୍ରୁପରେ ୯ ହଜାର ୭୫୭ ସଭ୍ୟ ଥିବା ଜଣାପଡିଛି। ଏହାର ସ୍କିନ ସଟ୍ ହସ୍ତଗତ ହୋଇଛି। ଏପିଏମର ଏହି ଅନଲାଇନ ଗ୍ରୁପରେ ସଂସ୍ଥାର ଲୋଭନୀୟ ଅଫର ଦେଇ ପ୍ରାୟ ୪ ମାସରୁ ଊର୍ଦ୍ଧ୍ୱ ହେବ ଜମାକାରୀ ବଢ଼ାଇ ଚାଲିଥିଲା। ନୟାଗଡ଼ ନୂଆ ରାଜବାଟୀ ଲେନ ଗାୟତ୍ରୀ କଲୋନୀର ଅରୁଣ କୁମାର ଦାସ ଏଥିରେ ସାମିଲ ହୋଇ ନୟାଗଡ଼ରେ ନିଜର ଚେନ ବଢ଼ାଇବାରେ ଲାଗିଥିଲେ। ଅରୁଣ ନିଜର ସାନ ଭାଇ ଅମୂଲ୍ୟଙ୍କୁ ନେଇ ବିଭିନ୍ନ ସ୍ଥାନରେ ସଭାସମିତି କରି ଏପିଏମ୍ ଆପ୍‌କୁ ଲୋକପ୍ରିୟ କରାଇଲେ। ଜମାକାରୀଙ୍କ ଆକାଉଣ୍ଟକୁ ଟଙ୍କା ଆସୁଥିଲା। ବହୁ ଜମାକାରୀ ସ୍ୱଳ୍ପ ଟଙ୍କା ଦେଇ ଲାଭବାନ ହେଉଥିଲେ। ୩ ହଜାର ଟଙ୍କା ଡିପୋଜିଟ୍ କଲେ ଜମାକାରୀ ୨୪ ଘଣ୍ଟା ପରେ ଦିନକୁ ୧୫୦ ଟଙ୍କା ହିସାବରେ ୬ମାସରେ ୫୪ ହଜାର ୭୫୦ ଟଙ୍କା ପାଉଥିଲେ। ୧୫୦୦୦ ଟଙ୍କା ସଂସ୍ଥା ନାଁରେ ଡିପୋଜିଟ୍ କଲେ ୨୪ ଘଣ୍ଟା ପରେ ଦିନକୁ ୧୨ଶହ ଲେଖାଏଁ ୬ମାସ ପର୍ଯ୍ୟନ୍ତ ଟଙ୍କା ମିଳୁଥିଲା। ଗାନ୍ଧୀଜୟନ୍ତୀର ଅଫର ୫ ହଜାର ଦେଲେ ୨୪ ଘଣ୍ଟା ପରେ ୬ ହଜାର ପାଇବ। ୩୦ ଦିନ ପର୍ଯ୍ୟନ୍ତ ଦିନକୁ ୧ ହଜାର ଲେଖାଏଁ ଏପରି ଜମାକାରୀ ୩୫ ହଜାର ପାଇଥାନ୍ତେ।ଏପିଏମ୍ ଆପ୍‌ର ଲୋଭନୀୟ ଅଫରରେ ଅନେକ ଜମାକାରୀ ସାମିଲ ହୋଇ ସେମାନଙ୍କର ଚେନ ବଢ଼ାଇ ଚାଲିଥିଲେ। ସବୁ କିଛି ଠିକ ଠାକ୍ ଚାଲିଥିଲା।ହେଲେ ଗାନ୍ଧୀ ଜୟନ୍ତୀ ଅଫର ସବୁ କିଛି ବିଗାଡି ଦେଲା। ଜମାକାରୀଙ୍କ ଆକାଉଣ୍ଟକୁ ଆଉ ଟଙ୍କା ଆସିଲାନି। ମୋବାଇଲରୁ ଆପ ନିଷ୍କ୍ରିୟ ହୋଇଗଲା। ଗାନ୍ଧୀ ଜୟନ୍ତୀ ଅଫରରେ ଟଙ୍କା ଡିପୋଜିଟ୍ କରିଥିବା ଲୋକ ବେଶି କ୍ଷତିଗ୍ରସ୍ତ ହେଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବୀରେନ୍ଦ୍ର


@ ବସନ୍ତ


@ ପ୍ରମୋଦ


@ ସଞ୍ଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସାଇବର ସୁରକ୍ଷା ରଥ ବାଣ୍ଟିଲା ସଚେତନତାର ମନ୍ତ୍ର



ସଚେତନତା ସଭାରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ।

ରଣପୁର,୧୨।୧୦
(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସାଇବର ସଚେତନତା କାର୍ଯ୍ୟକ୍ରମ ଗୁରୁବାର ରଣପୁର ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଶିକ୍ଷୟିତ୍ରୀ,ଶିକ୍ଷକ ଓ ପିଲାମାନେ ସଚେତନ ରଥକୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ରଣପୁର ବିଜ୍ଞାପିତ ପରିଷଦର ଅଧକ୍ଷା ରଙ୍ଗୀନ ମହାନ୍ତି, ରଣପୁର ବ୍ଲକ ଶିକ୍ଷା ଅଧିକାରିଣୀ ବନଲତା ବେହେରା ଓ ରଣପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଆଦିତ୍ୟ ରଞ୍ଜନ ମହାନ୍ତି ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ସାଇବର ସୁରକ୍ଷାର ସଚେତନତା ବାର୍ତ୍ତା ବାଣ୍ଟିଥିଲେ । ଶିକ୍ଷକ ସଂଗ୍ରାମ କେଶରୀ ବାରିକ ମଞ୍ଚ ପରିଚାଳନା କରିଥିଲେ । ଏହି ସାଇବର ସୁରକ୍ଷା ଅଭିଯାନର ମୂଳ ଲକ୍ଷ୍ୟ ସାଇବର ସୁରକ୍ଷିତ ସୁସ୍ଥ ସମାଜ ଗଠନ କରିବା ଏବଂ ଲୋକମାନଙ୍କୁ ସାଇବର ଠକେଇରୁ ବଞ୍ଚାଇବା । ଯଦି କେହି ସାଇବର ଅପରାଧ ଶିକାର ହେଉଛନ୍ତି ତେବେ ଅତିଶୀଘ୍ର ୧୯୩୦କୁ ଫୋନ କରନ୍ତୁ ଏବଂ ସାଇବର ଠକେଇରୁ ସୁରକ୍ଷିତ ରୁହନ୍ତୁ । ଆଦର୍ଶ ବିଦ୍ୟାଳୟର ସଙ୍ଗୀତ ଶିକ୍ଷକ ରାମକୃଷ୍ଣ ପଣ୍ଡାଙ୍କ ନିର୍ଦ୍ଦେଶନାରେ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଇବର ସଚେତନତା ଉଦ୍ଦେଶ୍ୟରେ ଏକ କ୍ଷୁଦ୍ର ନାଟକ ମଞ୍ଚସ୍ଥ କରିଥିଲେ । ଏହା ସହିତ ରାଜ୍ୟ ପୋଲିସ ଦ୍ୱାରା ମଧ୍ୟ ନୃତ୍ୟ ମାଧ୍ୟମରେ ସଚେତନତାଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ଲିଙ୍ଗରାଜ ନାୟକ, ଏମ୍‌ପିଙ୍କ ପ୍ରତିନିଧି ସ୍ୱରାଜ ମହାନ୍ତି, ଲିଟୁ ସ୍ୱାଇଁଙ୍କ ସହ କାଉନସିଲରମାନେ ଉପସ୍ଥିତ ଥିଲେ । ରଣପୁର ଥାନାର ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଅଭିଯୁକ୍ତଙ୍କୁ ୬ମାସ ଜେଲ, ୧୦ ଲକ୍ଷ ଟଙ୍କା ଜରିମାନା

## ୭.୫୦ ଲକ୍ଷ ଟଙ୍କାର ଚେକ୍ ବାଉନସ୍ ମାମଲା

ନୟାଗଡ଼,୧୨।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୭.୫୦ଲକ୍ଷ ଟଙ୍କା ଚେକ ବାଉନସ୍ ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ନୟାଗଡ଼ ଏସଡିଜେଏମ ସୌଭାଗ୍ୟ ରଞ୍ଜନ ପ୍ରଧାନ ମାମଲାର ବିଚାର କରି ନୟାଗଡ ଟାଉନ ଥାନା ତୁଳସୀପୁର ଗାଁର ରଙ୍କନିଧି ଲେଙ୍କାକୁ ୬ମାସ ଜେଲଦଣ୍ଡ ସହ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷେ ରଙ୍କନିଧି ଲେଙ୍କା କୋର୍ଟରେ ଆତ୍ମ ସମର୍ପଣ କରି ଜାମିନରେ ଯାଇଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ୨୦୨୧ ମାର୍ଚ୍ଚ ୫ରେ ନୟାଗଡ଼ ସଦର ଥାନା କଇଥଗାଡିଆ ଗାଁର ପ୍ରଭାତ କୁମାର ବିଶ୍ୱାଳଙ୍କଠାରୁ ତୁଳସୀପୁର ଗାଁର ରଙ୍କନିଧି ଲେଙ୍କା ୭ ଲକ୍ଷ ୫୦ ହଜାର ଟଙ୍କା ଧାର ନେଇଥିଲେ । ଟଙ୍କା ମାଗିବାରୁ ରଙ୍କନିଧି ୭ ଲକ୍ଷ ୫୦ ହଜାର ଟଙ୍କାର ଏକ ଚେକ ପ୍ରଭାତଙ୍କୁ ଦେଇଥିଲେ । ପ୍ରଭାତ ବ୍ୟାଙ୍କରେ ଚେକ ଲଗାଇବା ପରେ ଚେକଟି ବାଉନ୍ସ ହୋଇଥିଲା । ଚେକ୍ ବାଉନସ ଘଟଣାରେ ପ୍ରଭାତ ନୟାଗଡ଼ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୧ସିସି ୫୨/୨୦୨୧ରେ କେଶ ଦାୟର କରିଥିଲେ। ଅଭିଯୋଗକାରୀଙ୍କ ପକ୍ଷରୁ ନିରଞ୍ଜନ ଦାସ ମକଦ୍ଦମା ପରିଚାଳନା କରୁଥିଲେ।

# ସରକାରୀ ଚାକିରି ଆଳରେ ୧.୫ ଲକ୍ଷ ଟଙ୍କା ଠକେଇ

ଖଣ୍ଡପଡ଼ା,୧୨।୧୦(ଅଜୟ କୁମାର ମହାରଣା)

ଭୁବନେଶ୍ୱରର ଜଣେ ବ୍ୟକ୍ତି ରାଜ୍ୟ ଉଠା ଜଳସେଚନ ବିଭାଗରେ ଚାକିରୀ କରାଇଦେବାର ପ୍ରଲୋଭନ ଦେଖାଇ ଖଣ୍ଡପଡ଼ା ସହରର ମାଧବ ଚନ୍ଦ୍ର ବେହେରାଙ୍କଠାରୁ ୧.୫ ଲକ୍ଷ ଟଙ୍କା ଅଗ୍ରୀମ ଆକାରରେ ନେଇଥିଲେ। ହେଲେ ଚାକିରୀ ହୋଇ ନ ଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଟଙ୍କା ମାଗିବାରୁ ତାହା ବି ମିଳି ନାହିଁ । ଏ ନେଇ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଘଟଣାର ଖୋଳତାଡ ଆରମ୍ଭ କରିଛି। ଭୁବନେଶ୍ୱର ଲିଙ୍ଗରାଜ ଥାନା ଅଧୀନ ଖରାଖିଆ ବୈଦ୍ୟନାଥ ଲେନରେ ରହୁଥିବା ସୁକାନ୍ତ କୁମାର ମହାରଣା ମୋର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ସମ୍ପର୍କ ଅଛି। ଟଙ୍କା ଦେଲେ ଚାକିରୀ କରାଇ ଦେବି କହି ମାଧବଙ୍କ ମନରେ ବିଶ୍ୱାସ ଜନ୍ମାଇ ଥିଲେ। ପରେ ମାଧବଙ୍କଠାରୁ ଏକ ଚୁକ୍ତିନାମା ପତ୍ରରେ ସ୍ୱାକ୍ଷର କରି ଟଙ୍କା ନେଇଥିଲେ। ପୁଅର ଚାକିରୀ ପାଇଁ ମାଧବ ତାଙ୍କୁ ଟଙ୍କା ଦେଇଥିଲେ । ଉଠା ଜଳସେଚନ ବିଭାଗରେ ଚାକିରୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଶାୟୀ ପ୍ରାର୍ଥିନୀ, ପ୍ରାର୍ଥୀମାନେ ଏହି ପଦବୀ ନିମନ୍ତେ ଆବେଦନ କରିଥିଲେ। ପରେ ଏହି ପଦବୀ ନିମନ୍ତେ ଲିଖିତ ପରୀକ୍ଷା ହୋଇ ଫଳ ପ୍ରକାଶ ପାଇଥିଲା। ମାତ୍ର ମାଧବଙ୍କ ପୁଅର ନାମ ପ୍ରକାଶିତ ମେଧାବୀ ତାଲିକାରେ ନ ଥିବାରୁ ଏ ନେଇ ତାଙ୍କ ମନରେ ସନ୍ଦେହ ହୋଇଥିଲା । ଏହାକୁ ନେଇ ମାଧବ ଏକାଧିକଥର ମୋବାଇଲରେ ସୁକାନ୍ତଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ । ହେଲେ ତାଙ୍କ ମୋବାଇଲ ଫୋନ୍ ସୁଇଚ ଅଫ୍ ଥିଲା । କିଛି ଦିନ ପରେ ମାଧବ ଭୁବନେଶ୍ୱରସ୍ଥିତ ସୁକାନ୍ତଙ୍କ ଘରକୁ ଯାଇ ତାଙ୍କୁ ଭେଟିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ । ଶେଷରେ ମାଧବ ଖଣ୍ଡପଡା ଥାନର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ଖଣ୍ଡପଡା ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ସହ ଯୋଗାଯୋଗ କରିବାରେ ଅଭିଯୋଗକୁ ପଞ୍ଜିକରଣ କରାଯାଇ ନାହିଁ, ଏ ଦିଗରେ ଅନୁସନ୍ଧାନ ଜାରି ରହିଛି ବୋଲି ସେ କହିଛନ୍ତି।

# ଭାପୁରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା


ବିଜେଡି ଜନସମ୍ପର୍କ ପଦଯାତ୍ରାରେ ଏମ୍‌ପି ଭର୍ତ୍ତୃହରି ମହତାବ, ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଓ ଅନ୍ୟମାନେ ।

ଭାପୁର,୧୨।୧୦(ଭରତ କୁମାର ବେହେରା)

ନୟାଗଡ଼ ଜିଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଅଧୀନ ଭାପୁର ବ୍ଲକ ସଦର ମହକୁମାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଭାପୁର ବ୍ଲକ ବିଜେଡି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଏବଂ ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସଂଯୋଜନା କ୍ରମେ ବିଶାଳ ପଦଯାତ୍ରା ଭାପୁର ବାଇପାସ୍‌ସ୍ଥିତ ହନୁମାନ ମନ୍ଦିରରୁ ବାହାରି ଥିଲା। ଭାପୁରର ସମସ୍ତ ସାହି ଓ ଭାପୁର ବଜାର ପରିକ୍ରମା କରିବା ସହ ଦମକଳ କେନ୍ଦ୍ର ନିକଟରେ ଏହି ଶୋଭାଯାତ୍ରା ସରିଥିଲା। ଏହିକାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ବିଜେଡିର ଜନସମ୍ପର୍କ ପଦଯାତ୍ରା ଦୀର୍ଘ ୨୫ବର୍ଷ ଧରି ହୋଇଆସୁଛି। ଏଥିରେ ଦଳୀୟ କାର୍ଯ୍ୟକ୍ରମ, ସରକାରୀ ଯୋଜନା ଓ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିବା ପାଇଁ ସୁଯୋଗ ମିଳୁଛି। ଏହା ଏକ ଅଭିନବ କାର୍ଯ୍ୟକ୍ରମ। ଆଜିର ପଦଯାତ୍ରାରେ ବିଶାଳ ଜନସମାଗମ ଦେଖି ଉକ୍ତ କାର୍ଯ୍ୟକ୍ରମ ସଫଳ ହୋଇଛି ବୋଲି ସେ କହିଥିଲେ । ରାଜ୍ୟସଭା ସଦସ୍ୟ ଡ. ସସ୍ମିତ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଏହି ପଦଯାତ୍ରା ମାଧ୍ୟମରେ ରାଜ୍ୟ ସରକାର ଯେଉଁ ସବୁ ବିକାଶମୂଳକ କାର୍ଯ୍ୟ କରିଛନ୍ତି ତାଙ୍କୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବାକୁ ପ୍ରୟାସ କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଜିଲା ପରିଷଦ ସଭ୍ୟ ସଭାପତି ଇଂ. ଦେବାଶିଷ ପଟ୍ଟନାୟକ, ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଖଣ୍ଡପଡ଼ା ବ୍ଲକ ଅଧକ୍ଷା ଉପମା ବେହେରା, ଉପାଧ୍ୟକ୍ଷା ଶିଶିର କୁମାର ସାହୁ, ୧୮ନଂ. ଜୋନ୍ ଧର୍ମେନ୍ଦ୍ର ଧଳ, ୫ନଂ.ଜୋନ୍ ଜିଲା ପରିଷଦ ରାମେଶ୍ୱର ଶତପଥୀ, ଭାପୁର ବ୍ଲକ ବିଜେଡି ମହିଳା ସଭାନେତ୍ରୀ କବିତା ମହାରଣା,ଭାପୁର ବ୍ଲକ ଯୁବ ବିଜେଡି ସଭାପତି କାଳନ୍ଦ୍ରୀ ବାରିକ, ଖଣ୍ଡପଡ଼ା ବ୍ଲକ ଯୁବ ସଭାପତି ମନୋରଞ୍ଜନ ବେହେରା, ଭରତ କୁମାର ବେହେରା, ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ୪୨ ପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ ଏହି ପଦଯାତ୍ରା ମାଧ୍ୟମରେ ଯୋଗଦେଇଥିଲେ ।

# ବନ୍ଧୁକ ଜବତ, ଜେଲ ଗଲେ ଅଭିଯୁକ୍ତ

## ଯୁବକଙ୍କୁ ହତ୍ୟା ଧମକ ଘଟଣା

ନୟାଗଡ଼,୧୨।୧୦(ଲୋକନାଥ ମିଶ୍ର)

ବନ୍ଧୁକ ଦେଖାଇ ହତ୍ୟା ଧମକ ଦେବା ଅଭିଯୋଗରେ ଇଟାମାଟି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନି ନାମଞ୍ଜୁର ପରେ କେନ୍ଦୁଡ଼ିପି ଗାଁର ଜଗବନ୍ଧୁ ପାଇକରାୟ(୨୯)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆ ଯାଇଛି । ଗତ ୯ ତାରିଖରେ ବାଇକ୍ ଓ ଚାରି ଚକିଆ ଧକ୍କାକୁ ନେଇ କେନ୍ଦୁଡ଼ିପିରେ ଉତ୍ତେଜନା ଦେଖା ଦେଇଥିଲା । ଗତ ୧୦ ତାରିଖ ସନ୍ଧ୍ୟାରେ କେନ୍ଦୁଡ଼ିପି ଗାଁର ଜ୍ୟୋତି ରଞ୍ଜନ ପ୍ରଧାନ ନିଜ ଘରକୁ ଫେରୁଥିଲେ । କେନ୍ଦୁଡ଼ିପି ଛକରେ ଜ୍ୟୋତିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଜଗବନ୍ଧୁ ହତ୍ୟା ଧମକ ଦେଇଥିଲେ । ଏପରିକି ଗଣ୍ଡଗୋଳରେ ମାରପିଟ୍ କରିଥିବା ଜ୍ୟୋତିଙ୍କ ସାଙ୍ଗ ସମ୍ପର୍କରେ ପଚାରିଥିଲେ । ଏନେଇ ଜ୍ୟୋତିଙ୍କ ଅଭିଯୋଗ ପରେ ପୋଲିସ ୨୧୭/୨୩ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ପୋଲିସ ବୁଧବାର ଅଭିଯୁକ୍ତଙ୍କୁ ଗିରଫ କରିବା ସହ ହତ୍ୟା ଧମକ ଦେବାରେ ବ୍ୟବହୃତ ବନ୍ଧୁକ ଜବତ କରିଛି ବୋଲି ଆଇଆଇସି ଦିଲୀପ ସ୍ୱାଇଁ ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ।

## ସଂକ୍ଷେପରେ

### ଚୋରି ଅଭିଯୋଗରେ ୩ ଗିରଫ

ପାଟଣା,୧୨।୧୦(ବୀର କୁଶୋର ଦାଶ): କେନ୍ଦୁଝର ଜିଲା ପାଟଣା ପୋଲିସ ଲୁହାଛଡ଼ ଚୋରି ଅଭିଯୋଗରେ ଗୁରୁବାର ୩ ଜଣଙ୍କୁ ଗିରଫ କରିଛି। ଗିରଫ ୩ ଯୁବକ ପାଟଣା ଥାନା ମୁଖ୍ୟାଳୟ ବଡ଼ ପାଟଣା ଗ୍ରାମର ରାକେଶ କାରୁଆ (୩୩), ରଞ୍ଜନ କାରୁଆ (୨୮) ଓ ଦକ୍ଷିଣୀପଶି ଗ୍ରାମର ହେମନ୍ତ ଭୂମିଜ (୧୮)। ଚୋରି ୩ ଖଣ୍ଡ ଲୁହାଛଡ଼କୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ଖଜୁରୀଡ଼ିହା ଗ୍ରାମର ହଳଧର ମହାନ୍ତ ପାଟଣା ବଜାର ଉପରେ ଏକ ନୂତନ ଗୃହ ନିର୍ମାଣ କରୁଛନ୍ତି। ପିଲର ପାଇଁ ରଖିଥିବା ୧୬ ଏମ୍ଏମ୍ ଛଡ଼ ବଣ୍ଡଲକୁ ବୁଧବାର ରାତିରେ ୩ ଅଭିଯୁକ୍ତ ଚୋରି କରିନେଉଥିବା ବେଳେ ସ୍ଥାନୀୟ ଲୋକେ ପାଟଣା ମୁଖ୍ୟାଳୟ ପଶୁ ଡାକ୍ତରଖାନା ରାସ୍ତାରେ ଧରି ପୋଲିସକୁ ଖବର ଦେଇଥିଲେ। ପରେ ଘର ମାଲିକଙ୍କ ଅଭିଯୋଗ ଆଧାରରେ ପାଟଣା ଥାନାରେ ଏକ ମାମଲା (ନଂ.୧୮୧/୨୩)ରୁଜୁ ହୋଇଛି। ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ କହିଛନ୍ତି।

### ବାଇକ୍ ଧକ୍କାରେ ପଥଚାରୀ ମୃତ

ଭୋଗରାଇ, ୧୨।୧୦(ପ୍ରଦୀପ ଦାସ) ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ରାଇପୁର ଗ୍ରାମର ଯଜ୍ଞେଶ୍ୱର ବେଜ ବୁଧବାର ସନ୍ଧ୍ୟାରେ ଜଳେଶ୍ୱର –ଚନ୍ଦନେଶ୍ୱର ରାସ୍ତା ଚୌକି ବଜାରରେ ରାସ୍ତା ପାର ହେଉଥିବା ବେଳେ ଏକ ବାଇକ୍ ଧକ୍କା ଦେବାରୁ ସେ ତଳେ ପଡିଯାଇ ଅଚେତ ହୋଇଥିଲେ। ତାଙ୍କୁ ତୁରନ୍ତ ସ୍ଥାନୀୟ ଲୋକେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ମୃତ୍ୟୁ ହୋଇଛି।

### ସମୁଦ୍ର କୂଳରୁ ଯୁବକଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

ରୂପସା, ୧୨।୧୦(ବାଞ୍ଛାନିଧି ଦେ) ବାଲେଶ୍ୱର ଜିଲା ସିଂଲା ଥାନା ସାର୍ଥା ଫାଣ୍ଡି ଅଧୀନ ବୁଧିଆମାରି ମୁହାଣ ନିକଟ ସମୁଦ୍ର କୂଳରୁ ବୁଧବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତ ଯୁବକ ହେଲେ ଏହି ଫାଣ୍ଡି ଅଧୀନ ସାର୍ଥା ଚକ ପୋଇପାଳ ଗ୍ରାମର ବିଜୟ ମାଝୀ (୨୪)। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୩୩/୨୩) ରୁଜୁ ହୋଇ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଅପରପକ୍ଷରେ ମୃତ ଯୁବକଙ୍କ ପରିବାର ପକ୍ଷରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ମୃତ ବିଜୟ ଜଣେ ମତ୍ସ୍ୟଜୀବୀ ଭାବେ ଜୀବିକା ନିର୍ବାହ କରି ପରିବାର ପ୍ରତିପୋଷଣ କରନ୍ତି। ମଙ୍ଗଳବାର ସେ ଘରୁ ଯାଇ ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ବୁଧବାର ସକାଳେ ସମୁଦ୍ର କୂଳରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ଗୌରହରି ଦାସ ପହଞ୍ଚି ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ସିଡିଏମ୍ଓଙ୍କ ନିକଟରେ ତଦନ୍ତ ରିପୋର୍ଟ ଦାଖଲ

ଯାଜପୁର,୧୨।୧୦(ହର୍ଷବର୍ଦ୍ଧନ ବେହେରା)




ଯାଜପୁର ଜିଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଛୋଳ ଗ୍ରାମର କବିତା ସାହୁଙ୍କ ପ୍ରସବ ସମୟରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁ ହୋଇଥିବା ଅଭିଯୋଗର ତଦନ୍ତ ପ୍ରକ୍ରିୟା ଶେଷ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍ଓ) ଶିବାଶିଷ ମହାରଣା ଏକ ତିନି ଜଣିଆ ଡାକ୍ତରୀ ଟିମ୍ ଗଠନ କରି ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଡାକ୍ତର ସୁଧାଂଶୁ ବଳ, ନଗେନ୍ଦ୍ର ମହାପାତ୍ର ଓ ବଳରାମ ପଣ୍ଡା ଯାଜପୁର ସହରର କଲ୍ୟାଣୀ ଡାକ୍ତରଖାନାକୁ ଯାଇ ଅଭିଯୋଗର ତଦନ୍ତ କରି ଓଟି ରୁମ୍କୁ ସିଲ୍ କରିଥିଲେ। ଏହାପରେ ତଦନ୍ତ ରିପୋର୍ଟକୁ ସିଡିଏମ୍ଓଙ୍କ ନିକଟରେ ଦାଖଲ କରିଥିବା ଜଣାପଡିଛି। ତେବେ ଏହି ସମ୍ବେଦନଶୀଳ ଘଟଣାକୁ ଚାପି ଦେବାକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ହସ୍ତକ୍ଷେପ ହେଉଥିବା ଆଲୋଚନା ହେଉଛି।

ସୂଚନାଯୋଗ୍ୟ, ଗତ ୨୮ ତାରିଖରେ କବିତା କଲ୍ୟାଣୀ ହସ୍ପିଟାଲରେ ଆଡମିଶନ ହୋଇଥିଲେ। ୨୯ରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମଲାଭ କରିଥିଲା। ପରେ କବିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯାଜପୁରର ଉକ୍ତ ଘରୋଇ ଡାକ୍ତରଖାନାରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଓ ଅବହେଳା କାରଣରୁ ମୃତ୍ୟୁ ଘଟିଲା ବୋଲି କବିତାଙ୍କ ବାପା ଦିନବନ୍ଧୁ ସାହୁ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଯାଜପୁର ଥାନାରେ ଏନେଇ ୨୪୧/୨୩ ନମ୍ବରରେ ଏକ ମାମଲା ରୁଜୁ କରି ସିଡିଏମ୍ଓଙ୍କୁ ଉପଯୁକ୍ତ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଅନୁରୋଧ କରିଥିଲେ। ଏ ସଂକ୍ରାନ୍ତରେ ସିଡିଏମ୍ଓ ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି, ଏକ ତିନି ଜଣିଆ ଡାକ୍ତରୀ ଟିମ୍ ଗଠନ କରି ଉକ୍ତ ହସ୍ପିଟାଲକୁ ତଦନ୍ତ ପାଇଁ ପଠାଯାଇଥିଲା। ଉକ୍ତ ତଦନ୍ତକାରୀ ଦଳ ତଦନ୍ତ ସାରି ରିପୋର୍ଟ ପ୍ରଦାନ କରି ସାରିଛନ୍ତି। ତଦନ୍ତ ରପୋର୍ଟରେ ଘରୋଇ ହସ୍ପିଟାଲର ତୃଟି ଦେଖାଦେଇଛି। ଉକ୍ତ ରିପୋର୍ଟକୁ ଖୁବଶୀଘ୍ର ଟାଉନ୍ ଥାନାଧିକାରୀଙ୍କୁ ପ୍ରଦାନ କରାଯିବ। ଏହାପରେ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ଯାଜପୁର ଟାଉନ ଥାନାଧିକାରୀ ବିଲ୍ଲ ମଙ୍ଗଳ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ଉପରେ କେସ୍ ରୁଜୁ କରି ତଦନ୍ତ ଜାରି ରଖିଛୁ। ସିଡିଏମ୍ଓଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ ଲିଖିତ ଭାବେ ଜଣାଇଛୁ। ରିପୋର୍ଟ ପାଇଲା ପରେ ଆମେ ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସତ୍ୟସାଇ ସେବା ସମିତି ପକ୍ଷରୁ ରାସ୍ତା ସଫେଇ

ଧର୍ମଶାଳା,୧୨।୧୦(ବଟକୃଷ୍ଣ ପରିଡା): ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ସତ୍ୟସାଇ ସେବା ସମିତି ପକ୍ଷରୁ ସ୍ୱଚ୍ଛତ୍ୱରୁ ଦିବତ୍ୱ କାର୍ଯ୍ୟକ୍ରମର ଦଶମ ଦିବସ ଅବସରରେ ଜାରକା ବଜାରସ୍ଥିତ ଶାନ୍ତିବଜାର–ଗୋପବନ୍ଧୁ ଛକ ରାସ୍ତା ପାର୍ଶ୍ୱ ସଫେଇ କରାଯାଇଛି। ଆବାହକ ସୁଶାନ୍ତ କୁମାର ନାୟକ ଓ ସେବା ସଂଯୋଜକ ବିକ୍ରମ କେଶରୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ରାଜ୍ୟ ପୂର୍ବତନ ଆବାହକ ପବିତ୍ର ମୋହନ ବିଶ୍ୱାଳ, ଭଜନାନନ୍ଦ ସାମଲ, ଅର୍ଜୁନ ଚରଣ ରାଉତ, ନିଗମାନନ୍ଦ ଜେନା, ବଟକୃଷ୍ଣ ମଲିକ, ଗୋବିନ୍ଦ ଚନ୍ଦ୍ର ସାହୁ, ନରେନ୍ଦ୍ର ନାଥ ଶତପଥୀ, ଆଧାତ୍ମିକ ସଂଯୋଜକ ନିରଞ୍ଜନ ଶାନ୍ତି, ରଞ୍ଜନ କୁମାର ସାହୁ, ମଦନାନନ୍ଦ ମଲିକ, ଗଗନ ବିହାରୀ ଦତ୍ତ, ଯୁଧିଷ୍ଠିର ସ୍ୱାଇଁ, ଆଦିତ୍ୟ ପଣ୍ଡା, ଅକ୍ଷୟ କୁମାର ବେହେରା, ସୌରଭ କୁମାର ଜେନା, ବିଶ୍ୱଜିତ ମହାରଣା, ବଲି ଚରଣ ସାମଲ, ପ୍ରଫୁଲ୍ଲ ଜେନା, ଯତୀନ୍ଦ୍ର ମୋହନ ଦାସ ଯୋଗଦେଇ ସଫେଇ କରିଥିଲେ। ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଏହି ସେବା କାର୍ଯ୍ୟ ଜାରି ରହିବ ବୋଲି ସମିତି ପକ୍ଷରୁ କୁହାଯାଇଛି।



ସତ୍ୟସାଇ ସେବା ସମିତି କର୍ମକର୍ତ୍ତା ରାସ୍ତା ସଫେଇ କରୁଛନ୍ତି।

# ଟାଟା ଷ୍ଟିଲ୍ ପକ୍ଷରୁ ଇଭି ଲଜିଷ୍ଟିକ ପରୀକ୍ଷଣର ଶୁଭାରମ୍ଭ




ଅଧିକାରୀମାନେ ଇଲେକ୍ଟ୍ରିକ ଭେହିକଲ୍ (ଇଭି) ଲଜିଷ୍ଟିକ୍ ପରୀକ୍ଷଣର ଶୁଭାରମ୍ଭ କରୁଛନ୍ତି।

କଳିଙ୍ଗନଗର,୧୨।୧୦ (ଶୁଭାଶିଷ ରାଉତ): ଲଜିଷ୍ଟିକ ପରିଚାଳନାକୁ ପରିବେଶ ଅନୁକୂଳ ଓ ଦୀର୍ଘସ୍ଥାୟୀ କରିବା ଲାଗି ଟାଟା ଷ୍ଟିଲ୍ ଫେରୋ ଆଲଏଜ ଆଣ୍ଡ ମିନେରାଲ ଡିଭିଜନ (ଏଫ୍ଏମ୍ଡି) ପକ୍ଷରୁ ଗୁରୁବାର ଇଲେକ୍ଟ୍ରିକ ଭେହିକଲ୍(ଇଭି) ଲଜିଷ୍ଟିକ୍ ପରୀକ୍ଷଣର ଶୁଭାରମ୍ଭ କରାଯାଇଛି। ପରିବେଶ ଦୀର୍ଘସ୍ଥାୟିତ୍ୱ ପ୍ରତି କମ୍ପାନୀର ରହିଥିବା ପ୍ରତିବଦ୍ଧତା ଏବଂ ଏକ ସବୁଜ ଓ ଦୀର୍ଘସ୍ଥାୟୀ ଲଜିଷ୍ଟିକ ସମାଧାନ ଦିଗରେ କମ୍ପାନୀ ତରଫରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଗ୍ରିନ୍ହାଉସ ଗ୍ୟାସ ନିର୍ଗମନ ଓ ପାରମ୍ପରିକ ଇନ୍ଧନରେ ଚାଲୁଥିବା ପରିବହନ ବ୍ୟବସ୍ଥାରୁ ସୃଷ୍ଟି ହେଉଥିବା ବାୟୁ ପ୍ରଦୂଷଣ କମ କରିବା ଲାଗି କମ୍ପାନୀ ପକ୍ଷରୁ ସ୍ୱଳ୍ପ ଦୂରତା କ୍ଷେତ୍ରରେ ଉଭୟ ଫେରୋ କ୍ରୋମ ଓ ରିଡକଣ୍ଟାକ୍ଟ ଇଲେକ୍ଟ୍ରିକ ଯାନ ଜରିଆରେ ପରିବହନ କରିବାର ପରୀକ୍ଷଣ ଆରମ୍ଭ କରାଯାଇଛି। ୧୨ ଦିନ ପର୍ଯ୍ୟନ୍ତ ଏହି ପରୀକ୍ଷଣ କରାଯିବ। ଟାଟା ଷ୍ଟିଲ୍ ଫେରୋ ଆଲଏଜ ଆଣ୍ଡ ମିନେରାଲ ଡିଭିଜନର ଏକ୍ଜିକ୍ୟୁଟିଭ୍ ଇନଚାର୍ଜ ପଙ୍କଜ ସତିଜା ଯାଜପୁର ଜିଲାରେ ଥିବା କମ୍ପାନୀର ଫେରୋ ଆଲଏଜ କାରଖାନାରୁ ଇଭି ଉଦ୍‌ଘାଟନ କରି କହିଛନ୍ତି ଯେ, ଏକ ଦାୟିତ୍ୱବାନ କର୍ପୋରେଟ ନାଗରିକ ଭାବେ ଦୀର୍ଘସ୍ଥାୟୀ ଅଭ୍ୟାସ ପ୍ରତି ଆମେ ସର୍ବଦା ପ୍ରତିବଦ୍ଧ ରହିଛୁ। ଲଜିଷ୍ଟିକ ପରିଚାଳନାରେ ଇଲେକ୍ଟ୍ରିକ ଯାନ ବ୍ୟବହାରର ଶୁଭାରମ୍ଭ ଆମକୁ କାର୍ବନ ନ୍ୟୁଟ୍ରାଲିଟି ଲକ୍ଷ୍ୟ ହାସଲ କରିବା ଏବଂ ଆମର ସମଗ୍ର ମୂଲ୍ୟ ଶୃଙ୍ଖଳାରେ ପରିବେଶ ଅନୁକୂଳ ଅଭ୍ୟାସର ପ୍ରସାର କରିବାରେ ସହାୟକ ହେବ।

ଏହି ଅଭିଯାନକୁ ନେଇ ଖୁସି ବ୍ୟକ୍ତ କରି ଟାଟା ଷ୍ଟିଲ୍ ଅପରେସନ୍ସ ମୁଖ୍ୟ ବିଡି ନନ୍ଦ (ଏଫ୍ଏପିଜେଏ, ଏଫଏପିଜି, ଏଫଏପିଏ, ଏସଏସପିବି) କହିଛନ୍ତି ଯେ, ଏକ ସ୍ୱଚ୍ଛ ଓ ଅଧିକ ଦୀର୍ଘସ୍ଥାୟୀ ଭବିଷ୍ୟତ ପ୍ରତି ଯୋଗଦାନ ପ୍ରଦାନ କରିବା ଲାଗି କମ୍ପାନୀ ଅଭିନବ ଜ୍ଞାନକୌଶଳର ସନ୍ଧାନ ଓ ଗ୍ରହଣୀୟତା ଜାରି ରଖିବ। ପ୍ରଥମ, ମଧ୍ୟମ ଓ ଲାଷ୍ଟ ମାଇଲ ଡେଲିଭରି ପାଇଁ ଫ୍ଲିଟ୍ରେ ସାମିଲ କରାଯାଇଥିବା ଇଭି ୪୨ ଟନ ପର୍ଯ୍ୟନ୍ତ ଓଜନ ଧାରଣ କରିପାରିବ। ଗୋଟିଏ ଥର ଚାର୍ଜରେ ନିରବଚ୍ଛିନ୍ନ ଭାବେ ୧୪୦ କି.ମି. ଦୂର ଯାତ୍ରା କରିପାରିବ। ଏହି କାର୍ଯ୍ୟକ୍ରମର ଲଜିଷ୍ଟିକ ପାର୍ଟନର ହେଉଛି ଏକ୍ଜିମ ଲଜିଷ୍ଟିକ୍ସ ପ୍ରାଇଭେଟ ଲିମିଟେଡ। ଇଲେକ୍ଟ୍ରିକ ଯାନର ସଫଳ କାର୍ଯ୍ୟକାରିତା ପରେ କମ୍ପାନୀ ପକ୍ଷରୁ ଖୁବ୍ଶୀଘ୍ର ଏହାର ବିଭିନ୍ନ ସର୍କଟ୍ରେ ସିଏନଜି ଚାଳିତ ଗାଡ଼ି ପରୀକ୍ଷଣ ଆରମ୍ଭ କରାଯିବ ବୋଲି ନନ୍ଦ ପ୍ରକାଶ କରିଛନ୍ତି। ଏହି ଉଦ୍‌ଘାଟନୀ ସମାରୋହରେ ଲଜିଷ୍ଟିକ୍ସ ମୁଖ୍ୟ (ଏଫ୍ଏମ୍ଡି) ଅମିତ ଚୌବେ, ଏକ୍ଜିମ ଲଜିଷ୍ଟିକ୍ସର ପରିଚାଳନା ନିର୍ଦ୍ଦେଶକ ହିମାଦ୍ରୀ ପଟ୍ଟନାୟକ, ଯାଜପୁର ଫେରୋ ଆଲଏଜ ପ୍ଲାଣ୍ଟ ମୁଖ୍ୟ ଆଲୋକ କୁମାର ପଣ୍ଡା, ଲଜିଷ୍ଟିକ୍ସ(ଏଫ୍ଜି)ର ଏରିଆ ମ୍ୟାନେଜର ସୌମ୍ୟ ବାସୁ, ଲଜିଷ୍ଟିକ୍ସ (ରିଡକଂଟାକ୍ଟ)ର ପ୍ରବନ୍ଧକ ହାପି ପଟ୍ଟନାୟକ ଓ ଟାଟା ଷ୍ଟିଲ୍ର ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

ଗୋପବନ୍ଧୁ ନଗର,୧୨।୧୦ (ଶାନ୍ତନୁ କୁମାର ମଲ୍ଲୁଆଳ) ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ରାଣୀବନ୍ଧ ଅଞ୍ଚଳରୁ ବେଆଇନ ଭାବେ ବାଲି ଚାଲାଣ କରୁଥିବା ୨ ଟ୍ରାକ୍ଟର ଖୁଣ୍ଟା ପୋଲିସ ଜବତ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୨୮୨/୨୩) ରୁଜୁ ହୋଇଛି। ଜବତ ଟ୍ରାକ୍ଟର ଦୁଇଟି ଥାନାରେ ଅଟକ ରଖାଯାଇଛି।

## ରାଜପଥରେ ଷଣ୍ଢ ବୋଝେଇ ଡମ୍ଫର ଜବତ

ରୂପସା(ବାଞ୍ଛାନିଧି ଦେ)/ବସ୍ତା (ହରିଶଙ୍କର ପାଢୀ), ୧୨।୧୦ ବଜରଙ୍ଗ ଦଳର କର୍ମୀଙ୍କ ଦ୍ୱାରା ଜାତୀୟ ରାଜପଥରେ ଗୁରୁବାର ପୁଣି ଏକ ବେଆଇନ ଷଣ୍ଢ ବୋଝେଇ ଡମ୍ଫର ଜବତ ହୋଇଛି। ଭଦ୍ରକରୁ ପଶ୍ଚିମବଙ୍ଗ ଯାଉଥିବା ଏକ ଡମ୍ଫର (ନଂ.ଓଆର୍୦୧କେ–୯୫୧୧) ଯୋଗେ ବେଆଇନ ଭାବେ ୧୭ଟି ଷଣ୍ଢର ଗୋଡ଼ ଓ ମୁହଁ ବାନ୍ଧି ଚାଲାଣ ହେଉଥିଲା। ବାଲେଶ୍ୱରରୁ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଏହାର ପିଛା କରିଥିଲେ। ବାଲେଶ୍ୱର ୧୬ ନଂ. ଜାତୀୟ ରାଜପଥର ବସ୍ତା ଥାନା ଗାନ୍ଧିଛକ ନିକଟ କୁଡ଼ିଆ ବାଇପାସ୍ଠାରେ ଡମ୍ଫରକୁ ଧରାଯାଇଥିଲା।

ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଧୀରେନ କୁମାର ସେଠୀ, ରାମଚନ୍ଦ୍ର ଦାସ, ତାପସ କୁମାର ରାଉତ, ଜିତେନ୍ କୁମାର ନାୟକ, ଜୟକୃଷ୍ଣ ବାରିକ, ରାକେଶ ଜେନା, ସୁବାଶିଷ ବେହେରା, ଶରତ କୁମାର ଜେନା, ମଣ୍ଟୁ ଜେନା, ଜ୍ୟୋତିପଦ ଘୋଷ ଓ କାଳୀଚରଣ ଲେଙ୍କାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉକ୍ତ ଷଣ୍ଢ ବୋଝେଇ ଡମ୍ଫରକୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ଜାତୀୟ ରାଜପଥ ପୋଲିସ ପାଟ୍ରୋଲିଂ ଭ୍ୟାନ ଆସି ଡମ୍ଫରକୁ ଜବତ କରି ବସ୍ତା ଥାନାକୁ ଆଣିଥିଲେ। ଘଟଣାସ୍ଥଳରୁ ଡ୍ରାଇଭର ଓ ହେଲପର ଚମ୍ପଟ ମାରିଥିଲେ। ବସ୍ତା ଥାନା ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ସୁରକ୍ଷିତ ଭାବେ ୧୭ଟି ଷଣ୍ଢକୁ ବାମପଦାସ୍ଥିତ ମା' ଭାରତୀ ଗୋଶାଳାରେ ଛାଡ଼ିଥିଲେ। ଏହି ଡମ୍ଫରରେ ଏକାଧିକ ନମ୍ବର ପ୍ଲେଟ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି।

# ନଭେମ୍ବର ୨୫ରେ ବଡ଼ଓଷା, ୨୬ରେ ଗଜଭୋଗ ବିତରଣ



ପ୍ରସ୍ତୁତି ବୈଠକରେ ଜିଲାପାଳଙ୍କ ସହ ଅଧିକାରୀମାନେ।

### ଧବଳେଶ୍ୱରଙ୍କ ପଞ୍ଚକ, ବଡ଼ଓଷା ପ୍ରସ୍ତୁତି ବୈଠକ

■ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗଙ୍କ ପାଇଁ ଇ-ରିକ୍ସା ବ୍ୟବସ୍ଥା

ଖୁଣ୍ଟୁଣୀ, ୧୨।୧୦(ସଚ୍ଚିଦାନନ୍ଦ ପଣ୍ଡା) କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରଙ୍କ ପଞ୍ଚକ ଓ ବଡ଼ଓଷା ପାଇଁ ଗୁରୁବାର ମଧ୍ୟାହ୍ନରେ ସ୍ଥାନୀୟ ଡାକବଙ୍ଗଳାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଅଧକ୍ଷତା କରିଥିଲେ। ଆସନ୍ତା ନଭେମ୍ବର ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ପଞ୍ଚକ ପାଳନ କରାଯିବ। ନଭେମ୍ବର ୨୫ରେ ବଡ଼ଓଷା ପାଳନ ଓ ୨୬ ତାରିଖ ପ୍ରାତଃରୁ ଠାକୁରଙ୍କ ଗଜଭୋଗ ଶ୍ରଦ୍ଧାଳୁଙ୍କ ବଣ୍ଟନ କରାଯିବ। ପଞ୍ଚକ ୫ ଦିନ ଠାକୁରଙ୍କର ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହେବ। ଏହାକୁ ଦେଖିବା ପାଇଁ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଝୁଲାପୋଲ ବନ୍ଦ ଥିବାରୁ ଶ୍ରଦ୍ଧାଳୁମାନେ କଂକ୍ରିଟ୍ ପୋଲରେ ଯାତାୟତ କରିବେ। ଉକ୍ତ ପୋଲର ଉଭୟ ପାର୍ଶ୍ୱରୁ ୬୦୦ ଶ୍ରଦ୍ଧାଳୁ ଯାତାୟତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ଇ–ରିକ୍ସା ବ୍ୟବସ୍ଥା କରାଯିବ। ଆମ୍ବୁଲାନ୍ସ ଓ ଅଗ୍ନିଶମ କର୍ମଚାରୀ ୨୪ ଘଣ୍ଟିଆ ଡ୍ୟୁଟି କରିବେ। ପଞ୍ଚକରେ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ ପକ୍ଷରୁ ପାଣି ବୋତଲ ବ୍ୟବସ୍ଥା କରାଯିବ। ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଆଠଗଡ଼ ବିଦ୍ୟୁତ୍ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ୨୪ ଘଣ୍ଟିଆ ପାନୀୟ ଜଳ ବ୍ୟବସ୍ଥା ଓ ପୀଠ ପରିସର ସଫା ରଖିବା ପାଇଁ ଆର୍ଡବ୍ଲ୍ୟୁଏସ୍ଏସ୍, ଆଠଗଡ଼ ଏନ୍ଏସି ଏବଂ ଅନନ୍ତ ଗୋପାଳ ଭକ୍ତ ସମାଜ କର୍ମକର୍ତ୍ତାଙ୍କୁ ଦୟିତ୍ୱ ଦିଆଯାଇଛି। କଂକ୍ରିଟ ସେତୁ ଉପରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ସଭା ପରିଚାଳନା କରିଥିଲେ। ଏଥିରେ ଜିଲା ପ୍ରକଳ୍ପ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପ ଜିଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର ପ୍ରିୟବ୍ରତ ଦାସ, ଅତିରିକ୍ତ ଏସ୍ପି ଦେବଦତ୍ତ ବରାଳ, ଉପଖଣ୍ଡ ସୂଚନା ଅଧିକାରୀ କାଳୀଚରଣ ଶତପଥୀ, ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରି, ଗୁରୁଡିଝାଟିଆ ଥାନା ଆଇଆଇସି ସୁମନ୍ତ କିଷାନ, ଚୌଦ୍ୱାର ଏସ୍ଡିପିଓ ଉମାକାନ୍ତ ନାୟକ, ମଞ୍ଚେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ସାହୁ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଦେବୋତ୍ତର ସୁପରଭାଇଜର ଭବାନୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଡ଼ିଓ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# କ୍ଲଷ୍ଟରସ୍ତରୀୟ ସୁରଭି, ମିଲେଟ୍ସ ପ୍ରତିଯୋଗିତା



ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

ରଗଡ଼ି,୧୨।୧୦(ଜତିଶ କୁମାର ମଲ୍ଲିକ) କୋରେଇ ବ୍ଲକ ଅନ୍ଧାରି ପଞ୍ଚାୟତର କୋରାବନ୍ଦୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି ଓ ମିଲେଟସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ କାହ୍ନୁଚରଣ ସେଠୀଙ୍କ ଅଧକ୍ଷତା ଓ ସିଆର୍ସିସି ହରେକୃଷ୍ଣ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନ୍ଧାରି ସରପଞ୍ଚ ରାଜେନ୍ଦ୍ର କୁମାର ରାଉତରାୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଜିଲା ସଭାପତି ବିଜୟ କୁମାର ନାୟକ, ଖବରଦାତା ପବିତ୍ର ମୋହନ ରାଉତରାୟ, ବିଦ୍ୟାଳୟ କମିଟି ସଭାପତି ରବୀନ୍ଦ୍ର କୁମାର ରାଉତ, ଶିକ୍ଷକ ଭଗବାନ ସାହୁ, ମଙ୍ଗୁଳି ଖଟୁଆ, ବିଶ୍ୱନାଥ ପାଢ଼ୀ ଓ ଶିକ୍ଷୟିତ୍ରୀ ଜୟନ୍ତୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପରମାନନ୍ଦପୁର କ୍ଲଷ୍ଟର ଅନ୍ତର୍ଗତ ୧୨ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ଯୋଗଦେଇଥିଲେ। ଶିଶୁଙ୍କ ମଧ୍ୟରେ ଆସୁ କବିତା, ବକ୍ତବ୍ୟ, ଦେଶାତ୍ମବୋଧକ ଗୀତ ଓ ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇଥିଲା। ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯିବା ସହ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିବାକୁ ପ୍ରୋତ୍ସାହିତ କରାଯାଇଥିଲା।

# ବ୍ୟାସନଗରରେ ବର୍ଷାଜଳ ନିଷ୍କାସନ ସମସ୍ୟା ସୁଧୁରିବ

### ସରକାରଙ୍କୁ ଡିପିଆର୍ ପ୍ରଦାନ ପୂର୍ବରୁ ବିଧାୟକଙ୍କ ଚୂଡ଼ାନ୍ତ ବୈଠକ



ବୈଠକରେ ବିଧାୟକ, ପୌରାଧକ୍ଷା, ଅତିରିକ୍ତ ଜିଲାପାଳ ଓ ଅନ୍ୟମାନେ।

ଯାଜପୁରରୋଡ୍,୧୨।୧୦ (ପବିତ୍ର ରଞ୍ଜନ ମହାନ୍ତି): ବ୍ୟାସନଗର ସହରରେ ବର୍ଷା ଜଳ ନିଷ୍କାସନ ସମସ୍ୟାର ସମାଧାନ ହେବ। ଏ ଦିଗରେ ଅଗ୍ରଗତି କରିଛି ପ୍ରଶାସନ। ରାଜ୍ୟ ସରକାରଙ୍କୁ ପ୍ରଦାନ ନିମନ୍ତେ ଡିପିଆର ପ୍ରସ୍ତୁତି ପୂର୍ବରୁ ଚୂଡ଼ାନ୍ତ ବୈଠକ ଗୁରୁବାର ବ୍ୟାସନଗରସ୍ଥିତ କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କୋରେଇ ବିଧାୟକ ଅଶୋକ କୁମାର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ବ୍ୟାସନଗର ପୌର ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର, ପୌର ପରିଷଦ ଅଧକ୍ଷା ସଙ୍ଗୀତା ପିଙ୍ଗୁଆ, ଉପାଧକ୍ଷ ସୁବାସ ଚନ୍ଦ୍ର ବଳ ଏବଂ ଜଳ ନିଷ୍କାସନ ନେଇ ଟେଣ୍ଡର ହାତେଇଥିବା ପୁନେର ଠିକାସଂସ୍ଥାର ୪ ବରିଷ୍ଠ ଅଧିକାରୀଙ୍କ ସମେତ ପୌର ପରିଷଦର ସମସ୍ତ ୱାର୍ଡର କାଉନସିଲର ଉପସ୍ଥିତ ରହିଥିଲେ।

ବହୁବର୍ଷ ଧରି ବର୍ଷାଦିନ ସମୟରେ ବ୍ୟାସନଗର ପୌରାଞ୍ଚଳର କୃତିମ ଜଳ ନିଷ୍କାସନ ନେଇ ଯେଉଁ ସମସ୍ୟା ରହିଥିଲା ତାହା ପ୍ରଶାସନ ନଜରରେ ରହିଥିଲା। ଏହାର ସ୍ଥାୟୀ ସମାଧାନ ପାଇଁ ବହୁବାର ଅଭିଯୋଗ ହେବା ପରେ ରାଜ୍ୟ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏନେଇ ବିଦ୍ଧିବଦ୍ଧ ଟେଣ୍ଡର ନିମନ୍ତେ ଆହ୍ୱାନ କରାଯାଇଥିଲା। ଏଥିପାଇଁ ରାଜ୍ୟ ସରକାର ୬୧୮ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଏହି କାର୍ଯ୍ୟକ୍ରମ ଚଳିତ ଆର୍ଥିକ ବର୍ଷରୁ ଆରମ୍ଭ ହେବ। ୬ ବର୍ଷ ମଧ୍ୟରେ ଏହାର ସୁଫଳ ୧୧ହଜାର ୧୩୧ ଘରର ୮୬ ହଜାର ସ୍ଥାୟୀ ବ୍ୟାସନଗରବାସୀ ପାଇବାକୁ ଲକ୍ଷ୍ୟ ରଖାଯାଇଥିବା ବିଧାୟକ ବଳ କହିଛନ୍ତି।

## ସଂକ୍ଷେପରେ

### ୨୧ ପଞ୍ଚାୟତର କାର୍ଯ୍ୟକର୍ତ୍ତାଙ୍କୁ ବିକାଶ ସୂଚୀ ସମ୍ବନ୍ଧୀୟ ତାଲିମ

**ବିରିଡ଼ି,୧୨।୧୦(ପ୍ରଶାନ୍ତ କୁମାର ରାଉତ):** ବିରିଡ଼ି ବ୍ଲକ ଅନ୍ତର୍ଗତ ୨୧ ପଞ୍ଚାୟତରେ କାର୍ଯ୍ୟକର୍ତ୍ତାମାନଙ୍କ ପାଇଁ ବିକାଶ ସୂଚୀ ସମ୍ବନ୍ଧୀୟ ତାଲିମ ଶିବିର ବୁଧବାରଠାରୁ ଆରମ୍ଭ ହୋଇ ଗୁରୁବାର ଶେଷ ହୋଇଛି । ବ୍ଲକ ସମ୍ମିଳନୀ କକ୍ଷରେ ଚାଲିଥିବା ଏହି ଶିବିରରେ ବ୍ଲକର ପ୍ରତି ପଞ୍ଚାୟତର ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଏମ୍‌ବିକେ, ସିଆରପି, ପିଇଓ, ଜିଆରଏସ୍, ଏଏନଏମ୍, ବ୍ୟାଙ୍କ ମିତ୍ର, ଅଙ୍ଗନୱାଡି ସୁପରଭାଇଜରମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିଲାପରିଷଦ ସଭ୍ୟା ଦୀପ୍ତିମୟୀ ରାୟ, ବିଡିଓ ହେମନ୍ତ କୁମାର ମହାନ୍ତ, ଜିପିଇଓ ପାୟଲ ମହାପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ୟୋତିର୍ମୟୀ ସ୍ୱାଇଁ, ବିପିଏମ ଗଣେଶ ଚନ୍ଦ୍ର ସ୍ୱାଇଁ, କନିଷ୍ଠ ସହାୟକ ବିଶ୍ୱଜିତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ କର୍ମକର୍ତ୍ତାମାନଙ୍କୁ ଦାରିଦ୍ର୍ୟ ଦୂରୀକରଣ, ସ୍ୱାସ୍ଥ୍ୟ, ଶିଶୁବିକାଶ, ପାନୀୟ ଜଳ, ପରିଚ୍ଛନ୍ନତା, ସବୁଜିମା, ସାମାଜିକ ସୁରକ୍ଷା, ଗ୍ରାମସ୍ତରରେ ଉତ୍ତମ ଶାସନ, ମହିଳା ବିକାଶ, ନିଜସ୍ୱ ଭିତ୍ତିଭୂମି ଉପରେ ତାଲିମ ଦିଆଯାଇଥିଲା । ତାଲିମଦାତା ଭାବେ ଜିପିଇଓ ମହାପାତ୍ର, ସାମାଜିକ ସୁରକ୍ଷା ଅଧିକାରୀ ସ୍ୱାଇଁ, ବିପିଏମ ସ୍ୱାଇଁ ଓ କନିଷ୍ଠ ସହାୟକ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କନିଷ୍ଠ ସହାୟକ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

### ବିଧାୟକ ବିଜୟଶଙ୍କର ଦାସଙ୍କ କୁଶପୁତ୍ତଳିକା ଦାହ

**ବିରିଡ଼ି,୧୨।୧୦(ପ୍ରଶାନ୍ତ କୁମାର ରାଉତ):** ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ବାନ୍ଧବୀ ସୋମାଲିକା ଦାସଙ୍କୁ ଛାଡ଼ି ଅନ୍ୟ ଜଣଙ୍କୁ ବିବାହ ପାଇଁ ଆବେଦନ କରିଥିବା ଅଭିଯୋଗ କରି କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଏନେଇ କଂଗ୍ରେସ ନେତା ଇଂ ହିମାଂଶୁ ମଲ୍ଲିକଙ୍କ ନେତୃତ୍ୱରେ ବିରିଡି ବ୍ଲକ କଂଗ୍ରେସ ମହିଳା ସଭାନେତ୍ରୀ ଅନିତା ମିଶ୍ରଙ୍କ ଆହ୍ୱାନରେ ଗୁରୁବାର ବହୁ ମହିଳା କଂଗ୍ରେସ କର୍ମୀ ଆନ୍ଦୋଳନକୁ ଓହ୍ଲାଇ ବିଧାୟକ ଦାସଙ୍କୁ ପଦରୁ ବହିଷ୍କାର ଓ ଗିରଫ କରିବାକୁ ଦାବି କରିଥିଲେ। ଏନେଇ ଦଳର କର୍ମୀମାନେ କଳବ୍ୟାଜ୍ ପରିଧାନ କରି ଶୋଭାଯାତ୍ରାରେ ବିରିଡି କୁଳକଇଜଙ୍ଗା ଗ୍ରାମ ପରିକ୍ରମା କରିଥିଲେ। ଶେଷରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଧାୟକ ଦାସଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ତିର୍ତ୍ତୋଲ ମହିଳା କଂଗ୍ରେସ ସଭାନେତ୍ରୀ ଅନସୂୟା ପ୍ରଧାନ, ସରପଞ୍ଚ ବେବିନା ମଲ୍ଲିକ, ପ୍ରିୟବ୍ରତ ମିଶ୍ର, କନକଲତା ସେଠୀ, ସ୍ନେହଲତା ଧଡା, ଅନିତା ଧଡା, ସନ୍ଧ୍ୟାରାଣୀ ଭୋଇ, ସୁଲୋଚନା ଭୋଇ, ନିବେଦିତା ନାଥ, ଆରତୀ କାଣ୍ଡି, ଝୁନୁ ରାଉତ, କିଶୋର ପଟ୍ଟନାୟକ, ଅଶୋକ ଜେନା, ସଞ୍ଜୁ ଭୋଇ ପ୍ରମୁଖ ସାମିଲ ହୋଇଥିଲେ ।

# ଠିକାଦାରଙ୍କ କବ୍‌ଜାରେ ବନ୍ଦ ବିଦ୍ୟାଳୟ ଗୃହ

- ପ୍ରଶାସନର ନିଘା ନାହିଁ
- ଝରକା, କବାଟ ଭାଙ୍ଗିଗଲାଣି
- ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି

**ନାଉଗାଁ,୧୨।୧୦(ସୁଧା ବେହୁରା)**


ମିଶ୍ରଣ ପରେ ବନ୍ଦ ରହିଥିବା ଏକ ବିଦ୍ୟାଳୟ ଗୃହ ।

ନାଉଗାଁ ବ୍ଲକରେ ୪୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ବନ୍ଦ ହୋଇରହିଛି। ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ନିୟମାନୁସାରେ ଯେଉଁ ବିଦ୍ୟାଳୟରେ ୨୦ରୁ କମ୍ ଉପସ୍ଥାନ ଓ ୧ କିଲୋମିଟର ବ୍ୟବଧାନ ମଧ୍ୟରେ ଗୋଟିଏ ଅଧିକ ବିଦ୍ୟାଳୟ ରହିଛି। ସେଗୁଡ଼ିକୁ ବନ୍ଦ କରାଯାଇ ନିକଟସ୍ଥ ସର୍ବାଧିକ ଉପସ୍ଥାନ ଥିବା ବିଦ୍ୟାଳୟସହ ମିଶ୍ରଣ କରାଯିବ। ଏହି ନିୟମ ଅନୁଯାୟୀ ଉପରୋକ୍ତ ବିଦ୍ୟାଳୟଗୁଡ଼ିକୁ ବନ୍ଦ କରାଯାଇଥିଲେ ମଧ୍ୟ ଗୃହରେ ତାଲା ପକାଯାଇନାହିଁ। ଏସବୁ ବିଦ୍ୟାଳୟ ଗୃହର ରକ୍ଷଣାବେକ୍ଷଣ ଦାୟିତ୍ୱ ବ୍ଲକ ପ୍ରଶାସନ ଉପରେ ନ୍ୟସ୍ତ କରାଯାଇଛି। କିନ୍ତୁ ପ୍ରଶାସନର ମନମୁଖି କାର୍ଯ୍ୟ ଯୋଗୁ ରକ୍ଷଣାବେକ୍ଷଣ ତ ଦୂରର କଥା ଅନେକ ବିଦ୍ୟାଳୟ ଠିକାଦାରଙ୍କ କବ୍‌ଜାରେ ରହିଛି। ଏପରିକି କେତେକ ବିଦ୍ୟାଳୟକୁ ଗ୍ରାମବାସୀ ବ୍ୟବହାର କରୁଥିବା ଜଣାଯାଇଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ବିଦ୍ୟାଳୟ ପ୍ରକୋଷ୍ଠ ନିର୍ମାଣ କରାଯାଇଥିବା ବେଳେ ଅନେକ ବିଦ୍ୟାଳୟରେ ଝରକା, କବାଟ ଭାଙ୍ଗିଯାଇଛି। ଅରିଓଦା ଉପ୍ରା ବିଦ୍ୟାଳୟ, ଚାନ୍ଦପୁରା ଉପ୍ରା ବିଦ୍ୟାଳୟରେ ଠିକାଦାରମାନେ ଶ୍ରମିକ ରଖି କାର୍ଯ୍ୟ କରୁଥିବାବେଳେ ଆଉ କିଛି ବିଦ୍ୟାଳୟ ଧାନ ବେପାରୀଙ୍କ କବଜାରେ ରହିଛି। ଏସବୁ ବିଦ୍ୟାଳୟରେ ଶ୍ରମିକମାନଙ୍କୁ ରଖିବା ପାଇଁ କିଏ ନିର୍ଦ୍ଦେଶ ଦେଇଛି ତାହା ତଦନ୍ତ ସାପେକ୍ଷ। ଏହାଛଡ଼ା ଅନେକ ବିଦ୍ୟାଳୟ ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଯାଇଛି। ତେଣୁ ବନ୍ଦ ହୋଇ ରହିଥିବା ବିଦ୍ୟାଳୟଗୁଡ଼ିକରେ ତାଲା ପକାଯିବା ସହ ସେଗୁଡ଼ିକର ରକ୍ଷାଣ ବେକ୍ଷଣ ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏବିଷୟରେ ଜିପିଓ ଦିନେଶ ରାୟଙ୍କୁ ପଚାରିବାରେ, ବନ୍ଦ ହୋଇଥିବା ବିଦ୍ୟାଳୟଗୁଡ଼ିକୁ ଉକ୍ତ ପଞ୍ଚାୟତର ସରପଞ୍ଚ ଓ ପଞ୍ଚାୟତ ଅଧିକାରୀଙ୍କୁ ତାଲା ପକାଇବା ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି କହିଥିଲେ।

# ରାସ୍ତା ମରାମତି କଲେ ସାମାଜିକ କର୍ମୀ

**କୁଜଙ୍ଗ,୧୨।୧୦(ମନୋଜ ପ୍ରଧାନ)**



**୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଖାଲଖମାରେ ପରିପୂର୍ଣ୍ଣ ଥିଲା**

କୁଜଙ୍ଗ ଥାନା ଏରସମା ବ୍ଲକ ଚଟୁଆ ପଞ୍ଚାୟତ ଅନ୍ତର୍ଗତ ନଛିପୁରା ଗାଁ ରାସ୍ତା ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଯାତାୟାତ ପାଇଁ ଅନୁପଯୋଗୀ ହୋଇଯାଇଥିଲା। ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିଲା। ଶେଷରେ ଜଣେ ସାମାଜିକ କର୍ମୀ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ରାସ୍ତା ମରାମତି କରିଛନ୍ତି। ସାମାଜିକ କର୍ମୀ ରଶ୍ମିତା ନାୟକ ଉକ୍ତ ଖାଲଖମା ରାସ୍ତାରେ ୧୦ ଟ୍ରିପ ଖଣ୍ଡି ଇଟା ପକାଇଛନ୍ତି। ତାଙ୍କର ଏହି କାର୍ଯ୍ୟକୁ ଗ୍ରାମ ମୁରବିମାନେ ପ୍ରଶଂସା କରିଛନ୍ତି।

ପ୍ରକାଶ ଯେ, ୫୫ ନଂ. ଜାତୀୟ ରାଜପଥରୁ ନଛିପୁରା ଗ୍ରାମ ଦେଇ ଦାରଦିଆ ଓ ଗୁରୁଗୁରିଆକୁ ସଂଯୋଗ କରୁଥିବା ରାସ୍ତାଟି ବ୍ଲକ ପ୍ରଶାସନ ଅଧୀନରେ ଥିଲା। ୨୦୨୨ ଜୁନରେ ଉକ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ଏହି ରାସ୍ତାର ଉନ୍ନତୀକରଣ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଥମଥର ଟେଣ୍ଡର ଡକାଯାଇଥିଲା। ମାତ୍ର ଜଣେ ଠିକାଦାର ଟେଣ୍ଡର ପକାଇବାରୁ ତାହା ବାତିଲ ହୋଇଯାଇଥିଲା । ଏବେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଯାଇଛି। ଏ ସମ୍ପର୍କରେ କୁଜଙ୍ଗ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟନ୍ତ କୁମାର ପୃଷ୍ଟି କହିଛନ୍ତି, ଏହି ରାସ୍ତା ପାଇଁ ପୁନର୍ବାର ୪କୋଟି ୭୮ଲକ୍ଷ ଟଙ୍କା ବ୍ୟୟ ଅଟକଳର ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏହାକୁ ମଧ୍ୟ ଜଣେ ଠିକାଦାର ଟେଣ୍ଡର ପକାଇଥିବା ଜଣାପଡ଼ିଛି । ଯେହେତୁ ଦ୍ୱିତୀୟଥର ପାଇଁ ଜଣେ ଠିକାଦାର ଟେଣ୍ଡର ପକାଇଛନ୍ତି, ତେଣୁ ତାହା ପ୍ରଶାସନିକ ମଞ୍ଜୁରି ପାଇସାରିଛି। ଖୁବ୍‌ଶୀଘ୍ର ଏହି କାମ ଆରମ୍ଭ କରାଯିବ ବୋଲି ପୃଷ୍ଟି ଆଶାବ୍ୟକ୍ତ କରିଛନ୍ତି।

# ଝିଅଙ୍କୁ ସମାଜରେ ପୂର୍ଣ୍ଣ ମର୍ଯ୍ୟାଦା ଦିଆଯାଉ

**ଦ୍ୱାଦଶ ଅନ୍ତଃରାଷ୍ଟ୍ରୀୟ କନ୍ୟା ସନ୍ତାନ ଦିବସ**

**ଜଗତ୍‌ସିଂହପୁର, ୧୨।୧୦ (ପ୍ରମୋଦ କୁମାର ନାୟକ) :** ସମ୍ପ୍ରତି ପୁଅମାନଙ୍କ ଅପେକ୍ଷା ଝିଅମାନେ ବିଭିନ୍ନ କ୍ଷେତ୍ରରେ ଆଗକୁ ବଢି ଚାଲିଛନ୍ତି। କିନ୍ତୁ ସେମାନଙ୍କୁ ଆମ ସମାଜ ଏପର୍ଯ୍ୟନ୍ତ ପୂର୍ଣ୍ଣ ଭାବେ ଉପଯୁକ୍ତ ମର୍ଯ୍ୟାଦା ତଥା ସମ୍ମାନ ଦେଉନାହିଁ। ଝିଅମାନଙ୍କ ପ୍ରତି ଆମ ଲୋକମାନଙ୍କ ମନରେ ହୀନମନ୍ୟତା ରହିଛି। ପୁରୁଷପ୍ରଧାନ ଦେଶ ହୋଇଥିବାରୁ ଝିଅମାନଙ୍କୁ ଏଭଳି ଦୃଷ୍ଟିରେ ଦେଖାଯାଉଛି। ଏହା ଆଦୌ ଗ୍ରହଣୀୟ ନୁହେଁ। ଝିଅମାନଙ୍କ ପ୍ରତି ଥିବା ଏଭଳି ଭାବନା କୁତ୍ସିତ ମାନସିକତାର ପ୍ରତିଫଳନ କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ ଏତିକି ନୁହେଁ ଝିଅମାନେ ଅନେକ କ୍ଷେତ୍ରରେ ଅବହେଳା ଓ ନିର୍ଯାତନାର ଶିକାର ହେଉଛନ୍ତି। ଝିଅଟିଏ ଜନ୍ମ ହେବା ସତେ ଯେପରି ଅଭିଶାପ ବୋଲି ଅନେକେ ଚିନ୍ତା କରୁଛନ୍ତି। ଏହା ଆମ ଆଗାମୀ ପିଢ଼ି ପାଇଁ ଆଦୌ ଶୁଭଙ୍କର ନୁହେଁ, ଏହାକୁ ପ୍ରତିହତ କରିବାକୁ ପଡ଼ିବ। ସ୍ଥାନୀୟ ଶିଶୁ ଆଶ୍ରମ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫ ପକ୍ଷରୁ ଦ୍ୱାଦଶ ଅନ୍ତଃରାଷ୍ଟ୍ରୀୟ କନ୍ୟା ସନ୍ତାନ ଦିବସ ପାଳନ ଅବସରରେ ଆୟୋଜିତ ଉତ୍ସବରେ ଅତିଥିମାନେ ଏହି ପ୍ରସଙ୍ଗ ଉଠାଇଥିଲେ। ସେମାନେ କହିଥିଲେ ଏ ପରିସ୍ଥିତିରେ ଝିଅମାନେ ନରମିଯିବା ଉଚିତ ନୁହେଁ। ସ୍ୱପ୍ନକୁ ସାକାର କରିବା ପାଇଁ ସେମାନଙ୍କୁ ଦୃଢ ହେବାକୁ ପଡିବ। ଏହି ଅବସରରେ ଆମ୍ଭେମାନେ ଝିଅମାନଙ୍କୁ ନୈତିକ ସମର୍ଥନ ଓ ପ୍ରେରଣା ଦେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଆଶ୍ରମ ପରିଚାଳକ ଅଞ୍ଜନେୟ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ କୃଷି ବିଶାରଦ ତଥା ପ୍ରବକ୍ତା ରମେଶ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି, ଇନସାଫ ବୈଷୟିକ ଉପଦେଷ୍ଟା ତଥା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ମୁଖ୍ୟବକ୍ତା ଓ ଅମିୟ ରଞ୍ଜନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଇନସାଫ ଦ୍ୱାରା ପ୍ରସ୍ତୁତ ଶିକ୍ଷଣୀୟ ତଥା ଉପାଦେୟ ଲିଫଲେଟ୍ ବଣ୍ଟନ କରାଯାଇଥିଲା। ଗତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଆଶ୍ରମର ଛାତ୍ରୀ ରିଙ୍କି ସେଠୀଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ହରପ୍ରିୟା ସାହୁ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଶେଷରେ ମନସ୍ୱିନୀ ଦାସ ଧନ୍ୟବାଦ ଦେଇଥିଲେ।

# ମା' ସିଦ୍ଧିଦାତ୍ରୀଙ୍କ ଇନ୍ଦ୍ରାଣୀ ବେଶ

**ନାଉଗାଁ,୧୨।୧୦(ସୁଧା ବେହୁରା)**



ଜଗତ୍‌ସିଂହପୁର ଜିଲା ସରୋମ୍ଭୋସ୍ଥିତ ମା'ସିଦ୍ଧିଦାତ୍ରୀଙ୍କ ଷୋଡ଼ଶ ଉପଚାର ପୂଜାର ଷଷ୍ଠ ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କୁ ଇନ୍ଦ୍ରାଣୀ ବେଶରେ ସୁସଜ୍ଜିତ କରାଯାଇଥିଲା। ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଏହି ପୂଜା ଚାଲିଥିବା ବେଳେ ଆଶ୍ରମର ସମ୍ପାଦକ ଅକ୍ଷୟ ମିଶ୍ର ପରିଚାଳନା କରିଥିଲେ। ମା'ଙ୍କ ଏହି ବେଶ ଦେଖିବା ପାଇଁ ପୀଠରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

# ଶ୍ରମିକଙ୍କ ନୀରବ ଶୋଭାଯାତ୍ରା


ଶୋଭଯାତ୍ରାରେ ସାମିଲ ହୋଇଥିବା ଶ୍ରମିକମାନେ।

**ପାରାଦୀପ,୧୨।୧୦(ଶରତ ରାଉତ):** ସର୍ବଭାରତୀୟ ଶ୍ରମିକନେତା ତଥା ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିୟନ ପ୍ରତିଷ୍ଠାତା ଘନଶ୍ୟାମ ଜେନାଙ୍କ ଉଦ୍ଦେଶ୍ୟରେ ଗୁରୁବାର ସନ୍ଧ୍ୟାରେ ନୀରବ ଶୋଭାଯାତ୍ରା କରାଯାଇଛି। ଏହି ଅବସରରେ ୟୁନିୟନର ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ବଡ଼ପଡ଼ିଆ ଥାନାଛକଠାରୁ ଶାରଳା ମନ୍ଦିର ଦେଇ ନୂଆବଜାରସ୍ଥିତ ୟୁନିୟନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସୂଚନାଯୋଗ୍ୟ, ୩ ଦିନ ତଳେ ଶ୍ରମିକନେତା ଜେନାଙ୍କ ପରଲୋକ ଘଟିଛି। ତାଙ୍କ ସ୍ମୃତିରେ ଏପରି ଶୋଭାଯାତ୍ରା କରି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସମ୍ପାଦକ ସନାତନ ବେହେରାଙ୍କ ସମେତ ଅନ୍ୟ ପ୍ରମୁଖ କର୍ମକର୍ତ୍ତା ପରେଶ ପ୍ରଧାନ, କୁମର ରାଉତ, କୁଞ୍ଜ ପ୍ରଧାନ, ପ୍ରମୋଦ ପାଲଟାସିଂ ପ୍ରମୁଖ ଏଥିରେ ଯୋଗଦେଇ ଜେନାଙ୍କ ସ୍ମୃତିଚାରଣ କରିଥିଲେ। ଜେନା ଜଣେ ଲଢୁଆ ଶ୍ରମିକନେତା ଭାବେ ପରିଚୟ ସୃଷ୍ଟି କରିଥିଲେ ବୋଲି ସନାତନ କହିଥିଲେ।

### ୨ କର୍ମଚାରୀଙ୍କୁ ବାନ୍ଧି ବିଦ୍ୟୁତ୍ ସରବରାହ କେନ୍ଦ୍ରରୁ ଚୋରି

**ବିରିଡ଼ି,୧୨।୧୦(ପ୍ରଶାନ୍ତ କୁମାର ରାଉତ):** ବିରିଡି ଥାନା ଅଧୀନ ବିଦ୍ୟୁତ୍ ସେକ୍ସନର ୨୨ମୌଜା ଚାଷିଖଣ୍ଡ ବିଦ୍ୟୁତ୍ ସରବରାହ କେନ୍ଦ୍ରରୁ ବୁଧବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ୨ ଜଣ କର୍ମଚାରୀଙ୍କ ଗୋଡ଼ହାତ ବାନ୍ଧି ୮ କିମି ଲମ୍ବର ବିଦ୍ୟୁତ ତାର ଓ କର୍ମଚାରୀମାନଙ୍କଠାରୁ ୩୪ଶହ ଟଙ୍କା ଚୋରି କରି ନେଇଛନ୍ତି। ସମ୍ପୃକ୍ତ କର୍ମଚାରୀ ପ୍ରଭାସ କୁମାର ପାତ୍ର ଓ ଚିନ୍ମୟ ମୂଳିଆ ଅନ୍ୟ ଜଣେ ପିଲାଙ୍କ ମୋବାଇଲରୁ ଏ ସମ୍ପର୍କରେ ବିରିଡି ବିଦ୍ୟୁତ୍ ସେକ୍ସନର କନିଷ୍ଠ ଯନ୍ତ୍ରୀ ପୁଲିନ କୁମାର ମଲ୍ଲ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱରଞ୍ଜନ ଦେହୁରୀଙ୍କୁ ଖବର ଦେଇଥିଲେ। ଏହାପରେ ଉଭୟ ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଗୁରୁବାର ଏ ସଂକ୍ରାନ୍ତରେ ବିରିଡି ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ଏନେଇ ଥାନାରେ ମାମଲା (ନଂ.୨୮୫/୨୩) ରୁଜୁ କରାଯାଇଛି।

### ଟ୍ରକ୍-ଅଟୋ ମୁହାଁମୁହିଁ ଧକ୍କା: ଅଟୋ ଚାଳକ ଗୁରୁତର

**କୁଜଙ୍ଗ, ୧୨।୧୦ (ମନୋଜ ପ୍ରଧାନ):** କୁଜଙ୍ଗ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାଜ୍ୟ ରାଜପଥର ତାଳଦଣ୍ଡାଠାରେ ଗୁରୁବାର ମଧ୍ୟାହ୍ନରେ ଟ୍ରକ-ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଅଟୋଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଥାନା ଅନ୍ତର୍ଗତ କଳଦୀପ ଗ୍ରାମର ବସନ୍ତ ବେହେରା। ତାଳଦଣ୍ଡାଠାରେ ପାରାଦୀପ ଅଭିମୁଖେ ଆସୁଥିବା ଏକ ୧୪ ଚକିଆ ଟ୍ରକ ସହ ବସନ୍ତଙ୍କ ଡାଲା ଅଟୋ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଅଟୋର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଖବରପାଇ କୁଜଙ୍ଗ ଅଗ୍ନିଶମ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିବାବେଳକୁ ସ୍ଥାନୀୟ ଲୋକେ ବସନ୍ତଙ୍କୁ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦେଇଥିଲେ।

# ତମାଖୁ ନିୟନ୍ତ୍ରଣ ଉପରେ ସଚେତନତା କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ ।

**ରଘୁନାଥପୁର,୧୨।୧୦(ରାଜେନ୍ଦ୍ର ନାରାୟଣ ସିଂହ):** ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତ ସାଳିଜଙ୍ଗାସ୍ଥିତ ନବଜ୍ୟୋତି କ୍ଲବ ସଭା କକ୍ଷରେ ପିକକ (ପିପୁଲ କଲଚରାଲ ସେଣ୍ଟର) ଓ ତମାଖୁମୁକ୍ତ ଓଡ଼ିଶା ମଞ୍ଚ ପକ୍ଷରୁ ଯୁବ ଓ ଶିଶୁଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତମାଖୁ ସେବନ ନିୟନ୍ତ୍ରଣ ଉପରେ ଆୟୋଜିତ ଏହି କର୍ମଶାଳାରେ ସତ୍ୟଶିବ ରଥ ଓ ସସ୍ମିତା ସାହୁ ଉପସ୍ଥିତ ଥିଲେ। ତମାଖୁ ସେବନ ଦ୍ୱାରା ଶିଶୁ ଓ ଯୁବପିଢ଼ିଙ୍କ ଉପରେ ପଡୁଥିବା ପ୍ରଭାବ, ସ୍ୱାସ୍ଥ୍ୟ ସମସ୍ୟା ଓ ନିୟନ୍ତ୍ରଣ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ତମାଖୁଠାରୁ ଦୂରେଇ ରହିବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଯାଇଥିଲା। ଜିଲା ତମାଖୁ କଣ୍ଟ୍ରୋଲ ଶାଖାର ଡା.ଆଶିଷ କୁମାର ନାୟକ ତମାଖୁ ସେବନ ଓ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ଉପରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥିଭାବେ ନବଜ୍ୟୋତି କ୍ଲବର ସଭାପତି ଶାନ୍ତିଲତା ଦ୍ୱିବେଦୀ, ତମାଖୁ ନିୟନ୍ତ୍ରଣ ଅଭିଯାନର ଅଂଶୀଦାର ଅନୁଷ୍ଠାନ ଅନ୍ତ୍ୟୋଦୟ ସେବାକେନ୍ଦ୍ରର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଜେନା, ରସା ଅନୁଷ୍ଠାନ ସମ୍ପାଦକ ନିରଞ୍ଜନ ବାରିକ, ଏସିଏସଓ ସମ୍ପାଦକ ଗୋବିନ୍ଦ ଓଝା ଉପସ୍ଥିତ ରହି ତମାଖୁ ସେବନର ଭୟାବହତା ଉପରେ ଆଲୋକପାତ କରିଥିଲେ। ନବଜ୍ୟୋତି କ୍ଲବର ସମ୍ପାଦକ କ୍ଷୀରୋଦ କୁମାର ଦାଶ ସଭା ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣେ ସାଂସ୍କୃତିକ ଉତ୍ସବ


ଗାଁ ପରବରେ ଯୋଗଦେଇଥିବା ଅତିଥିମାନେ।

**ଗୋବିନ୍ଦପୁର ଗାଁ ପରବ-୨୦୨୩**

**କୁଜଙ୍ଗ,୧୨।୧୦ (ମନୋଜ ପ୍ରଧାନ):** ଏରସମା ବ୍ଲକ ଢିଙ୍କିଆ ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗାଁ ପରବ-୨୦୨୩ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ଏରସମା ବାଲିକୁଦା ବିଧାୟକ ରଘୁନନ୍ଦନ ଦାସ ଯୋଗଦେଇ ଗାଁ ଗହଳିର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ସାଂସ୍କୃତିକ ଉତ୍ସବ ପ୍ରମୁଖ ଭୂମିକା ନିର୍ବାହ କରେ। ଏହାଦ୍ୱାରା ଭାଇଚାରା ସୃଷ୍ଟି ହୁଏ। ସମ୍ମାନିତ ଅତିଥିଭାବେ ଜିଲା ଯୋଜନାବୋର୍ଡ ଏକ୍ସପର୍ଟ କମିଟି ସଭ୍ୟ ତଥା ରାଜ୍ୟ କାଳିଆ ଯୋଜନାର ଉପଦେଷ୍ଟା ସାରଦା ପ୍ରସନ୍ନ ଜେନା, ଢିଙ୍କିଆ ସରପଞ୍ଚ କିଶୋର କୁମାର ପରିଡା, ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ପୂର୍ବତନ ଜିଲାପରିଷଦ ସଭ୍ୟା ଇତିଶ୍ରୀ ଭୂୟାଁ, ଜିଲା ବିଜେଡି ସାଧାରଣ ସମ୍ପାଦକ ଦୀନବନ୍ଧୁ ନାୟକ, ଏରସମା ବାଲିକୁଦା ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ପାର୍ଥସାରଥି ରାଉତ, ଢିଙ୍କିଆ ପ୍ରାଥମିକ ସେବା ସମବାୟ ସମିତି ସଭାପତି ଅକ୍ଷୟ ବେହେରା ଯୋଗଦେଇଥିଲେ। ପରେ ଡ. ଦୀପକ ଜେନାଙ୍କ ରଚିତ ଯୁବ ନିର୍ଦ୍ଦେଶକ ରଞ୍ଜନ ବର୍ଦ୍ଧନଙ୍କ ନିର୍ଦ୍ଦେଶିତ ନାଟକ 'ଲୁହ ନାହିଁ ଆଉ କାନ୍ଦିବା ପାଇଁ' ମଞ୍ଚସ୍ଥ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଗାଁ ମୁରବି ସନାତନ ବର୍ଦ୍ଧନ, ପ୍ରଭାତ କୁମାର ରାଉତ, ପ୍ରଶାନ୍ତ ଲେଙ୍କା, ସୁଶୀଳ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରତି ଶିକ୍ଷାନୁଷ୍ଠାନରେ ବିପର୍ଯ୍ୟୟ ପରିଚାଳନା କମିଟି ଗଠନ ହେବ

**ଜଗତସିଂହପୁର, ୧୨।୧୦ (ପ୍ରମୋଦ କୁମାର ନାୟକ)**

**ଜିଲାସ୍ତରୀୟ ବିଦ୍ୟାଳୟ ସୁରକ୍ଷା,ବିପର୍ଯ୍ୟୟ ପ୍ରଶମନ କର୍ମଶାଳା**



ଜଗତ୍‌ସିଂହପୁର ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲା। ପ୍ରତିବର୍ଷ ଜିଲାରେ ବନ୍ୟା ଓ ବାତ୍ୟାର ଆଶଙ୍କା ଥାଏ। ବିପର୍ଯ୍ୟୟ ହେଲେ ବିଦ୍ୟାଳୟ ଓ ଛାତ୍ରୀଛାତ୍ରମାନେ ପ୍ରଭାବିତ ହୋଇଥାନ୍ତି। ତେଣୁ ଏହା ଉପରେ ଗମ୍ଭୀରତାର ସହ ଚିନ୍ତା କରିବା ଉଚିତ। ବିପର୍ଯ୍ୟୟ ସମୟରେ କ୍ଷୟକ୍ଷତି ହ୍ରାସ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ହେବ। ବିପର୍ଯ୍ୟୟର ଭୟ ଥିବା ଅର୍ଥାତ୍ ସମ୍ବେଦନଶୀଳ ବିଦ୍ୟାଳୟଗୁଡିକର ତାଲିକା ପ୍ରସ୍ତୁତ କରାଯିବା ଆବଶ୍ୟକ। ଏଥିସହ ଜାତୀୟ ରାଜପଥ ନିକଟରେ ଥିବା ବିଦ୍ୟାଳୟଗୁଡ଼ିକରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ହେବ। ସମ୍ଭାବ୍ୟ ପରିସ୍ଥିତି ନେଇ ଅଧିକାରୀମାନଙ୍କୁ ଦାୟିତ୍ୱବାନ ହେବାକୁ ପଡ଼ିବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଜିଲାସ୍ତରୀୟ ବିଦ୍ୟାଳୟ ସୁରକ୍ଷା ଓ ବିପର୍ଯ୍ୟୟ ପ୍ରଶମନ କର୍ମଶାଳାରେ ପୌରୋହିତ୍ୟ କରି ଅତିରିକ୍ତ ଜିଲାପାଳ ଚିନ୍ମୟୀ ବିଶ୍ୱାଳ ଏହା କହିଛନ୍ତି । ସେ ଏକଥା ମଧ୍ୟ କହିଥିଲେ, ବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କ ସୁରକ୍ଷା ହେଉଛି ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏନେଇ ଯୋଜନା ପ୍ରସ୍ତୁତ କରି ସୁରକ୍ଷା ଯୋଗାଇବା ଉପରେ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଠିକ୍ ଅନୁପାଳନ ହେବା ଜରୁରୀ। ଏହାବାଦ୍ ପ୍ରତ୍ୟେକ ବିଦ୍ୟାଳୟରେ ବିପର୍ଯ୍ୟୟ ପରିଚାଳନା କମିଟି ଗଠନ କରି ସମ୍ଭାବ୍ୟ ପରିସ୍ଥିତି ନେଇ ଆଲୋଚନା ସହ ପ୍ରତିକାର ପାଇଁ ପଦକ୍ଷେପ ନେବା ଉଚିତ। ଏଥିସହ ଘରୋଇ ବିଦ୍ୟାଳୟଗୁଡିକୁ ଜିଲାସ୍ତରୀୟ ବୈଠକରେ ସାମିଲ କରିବା, ଅଗ୍ନିଶମ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା, ପ୍ରତି ବିଦ୍ୟାଳୟରେ ମକ୍‌ଡ୍ରିଲ୍, ଅସୁରକ୍ଷିତ ବିଦ୍ୟାଳୟ ଗୃହ ଓ ସମ୍ପତ୍ତି ଚିହ୍ନଟ କରି ତାଲିକା ପ୍ରସ୍ତୁତ କରିବାକୁ ପଡ଼ିବ। ଏନେଇ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ ବିଦ୍ୟାଳୟ ବିପର୍ଯ୍ୟୟ ପରିଚାଳନା ପ୍ଲାନ ପ୍ରସ୍ତୁତ କରିବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିପର୍ଯ୍ୟୟ କିପରି ବିଦ୍ୟାଳୟ ଓ ଛାତ୍ରୀଛାତ୍ରଙ୍କୁ ପ୍ରଭାବିତ କରୁଛି ଏବଂ ଏହାର ପ୍ରତିକାର ପାଇଁ ଉପସ୍ଥିତ ଅଧିକାରୀଙ୍କୁ ତାଲିମ ଦିଆଯାଇଥିଲା। ବୈଠକରେ ଡେପୁଟି କଲେକ୍ଟର (ଜରୁରୀ) ସୁଦର୍ଶନ ଗୁରୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ଡିପିଓ ଆଶୁତୋଷ ମହାନ୍ତି, ଅଗ୍ନିଶମ ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଓ ବିଦ୍ୟାଳୟଗୁଡିକର ଶିକ୍ଷକମାନେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଜଙ୍ଗଲରୁ ଝୁଲନ୍ତା ମୃତଦେହ ଜବତ

ଜଗନ୍ନାଥପ୍ରସାଦ,୧୨।୧୦(ବିଷ୍ଣୁ ପ୍ରସାଦ ପଟ୍ଟନାୟକ)

ରାଣୀଭୂମି ନିକଟରେ ଥିବା ପାନ୍ତିଆମା ଜଙ୍ଗଲରୁ ଆକାଶିଆ ଗଛର ୨୦ଫୁଟ ଉଚ୍ଚତାରେ ନିଜ ସାର୍ଟକୁ ବେକରେ ବାନ୍ଧି ଝୁଲୁଥିବା ଅଜଣା ମୃତଦେହକୁ ପୋଲିସ ଗୁରୁବାର ଜବତ କରିଛି। ଗ୍ରାମର କିଛି ବ୍ୟକ୍ତି କାଠ ସଂଗ୍ରହ ପାଇଁ ଜଙ୍ଗଲ ମଧ୍ୟକୁ ଯାଇଥିବା ବେଳେ ମୃତଦେହ ଝୁଲୁଥିବା ଦେଖି ଜିରାବାଡି ସରପଞ୍ଚ ସରୋଜ କୁମାର ନାୟକଙ୍କୁ ଜଣାଇଥିଲେ। ପରେ ଥାନା ଅଧିକାରୀ ଅରୁଣ କୁମାର ସିଂ, ସବଇନ୍ସପେକ୍ଟର ବାବୁଲାଲ ରାଉଳ, ଏଏସ୍ଆଇ ପ୍ରିୟ ରଞ୍ଜନ ମିଶ୍ର, ରାଇଟର ରଞ୍ଜନ କୁମାର ଆଚାର୍ଯ୍ୟ ସଦଳବଳେ ପହଞ୍ଚି ମୃତଦେହ ଜବତ କରିଥିଲେ।

### ସୁନେତ୍ର କାର୍ଯ୍ୟକ୍ରମରେ ଭାଗନେଲେ ଶତାଧିକ ଛାତ୍ରୀଛାତ୍ର

ଶେରଗଡ, ୧୨।୧୦(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ବ୍ଲକ ବରମୁଣ୍ଡଲୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ସୁନେତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏବିଇଓ ଶୈରନ୍ଦ୍ରୀ ଦଳେଇ ଉଦଘାଟନ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ମାଗତା ପଣ୍ଡା ସଂଯୋଜନା କରିଥିଲେ। ବହୁ ବିଦ୍ୟାଳୟୀ ଛାତ୍ରୀଛାତ୍ର ଭାଗନେଇ ଆଖି ପରୀକ୍ଷା କରିବା ସହ ଚକ୍ଷୁ ଉପରେ ବିଭିନ୍ନ ପରାମର୍ଶମାନ ନେଇଥିଲେ। ସେମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଔଷଧ ମାଗଣାରେ ବଣ୍ଟନ କରାଯାଇଥିଲା। କିଛି ଛାତ୍ରୀଛାତ୍ରଙ୍କୁ ମାଗଣାରେ ଚଷମା ବଣ୍ଟନ କରାଯାଇଥିବା ବେଳେ ସିଆରସିସିମାନେ ସହଯୋଗ କରିଥିଲେ।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ଗୋଷାଣି, ୧୨।୧୦ (ପ୍ରଶାନ୍ତ କୁମାର ରାଉତ):

ଗଜପତି ଜିଲା ଗୋଷାଣି ବ୍ଲକ ରମ୍ଭା ପଞ୍ଚାୟତ ଅନ୍ତର୍ଗତ ଏସ.ଉରୁଡା ଗ୍ରାମର ପାଲାବାବୁ ଶବର ବିଦ୍ୟୁତ ଆଘାତରେ ପ୍ରାଣ ହରାଇଛନ୍ତି। ପିଇବା ପାଣି ମୋଟର ସୁଇଚ ଲଗାଇବାକୁ ଯାଇଥିଲେ। ମୋଟରଟି ବୁଲି ନଥିବାରୁ ସେ ବୋରୱେଲ ପାଖକୁ ଯାଉଥିବା ସମୟରେ ବିଦ୍ୟୁତ ଚାର୍ଜ ଥିବା ତାରବାଡ଼ ସଂସ୍ପର୍ଶରେ ଆସିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ଗ୍ରାମବାସୀ କହିଛନ୍ତି। ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପାରଳାଖେମୁଣ୍ଡି ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତାଙ୍କ ପରିବାରବର୍ଗଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ଆସିକା,୧୨।୧୦(ସୁରେନ୍ଦ୍ର ନାଥ ସାହୁ):

ଆସିକା ବ୍ଲକ ବାଙ୍ଗରଡ଼ା ପଞ୍ଚାୟତର ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବିଶ୍ୱାଳ(୫୮)ଙ୍କ ଗୁରୁବାର ରାତିରେ ପରଲୋକ ଘଟିଛି। ନିଜ ଭାଇଙ୍କ ସହ ବାଇକ୍‌ରେ ଆସିକା ବ୍ଲକରୁ ଫେରୁଥିବା ବେଳେ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ସେ ବାଇକ୍‌ରୁ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରମେଶଙ୍କ ହୃଦ୍‌ଘାତ ଜନିତ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ବିଡିଓ ଫକିରଚରଣ ପରିଡ଼ା, ଜିଲା ପରିଷଦ ସଭ୍ୟ ଅନିମା ପରିଡ଼ାଙ୍କ ସମେତ ବହୁ ସରପଞ୍ଚ ସମିତି ସଭ୍ୟ ପହଞ୍ଚି ରେମଶଙ୍କ ଶେଷ ଦର୍ଶନ କରିଥିଲେ।

# ମୋ ସ୍କୁଲ ଅଭିଯାନର ଅଗ୍ରଗତି ନେଇ ସମୀକ୍ଷା

ଛତ୍ରପୁର,୧୨।୧୦(ଦିଲ୍ଲୀପ ସାମଲ)

ଓଡିଶା ସରକାରଙ୍କ 'ମୋ ସ୍କୁଲ' ଅଭିଯାନ ମାଧ୍ୟମରେ ବିଦ୍ୟାଳୟଗୁଡିକର ବିକାଶ ଏବଂ ଛାତ୍ରୀଛାତ୍ରଙ୍କୁ ଅଧ୍ୟୟନ କ୍ଷେତ୍ରରେ ଉନ୍ନତି ଆଣିବା ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାର ୧୬୯୯ ପ୍ରାଥମିକ ବିଦ୍ୟାଳୟ, ୧୦୧୮ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୬୩୦ ହାଇସ୍କୁଲ ଏବଂ ୧୦୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମୋଟ ୩୪୪୨ ବିଦ୍ୟାଳୟ ମୋ ସ୍କୁଲ ଅଭିଯାନରେ ସ୍ଥାନ ପାଇଛି। ସମୁଦାୟ ୩୪୪୨ ବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୩୫୬୭୯୮ ଜଣ ପୁରାତନ ଛାତ୍ର ତଥା ଅନୁଷ୍ଠାନଗୁଡିକର ବ୍ୟକ୍ତିମାନେ ସହାୟତା ପ୍ରଦାନ କରିଛନ୍ତି। ଏହି ବାବଦରେ ୧୨ କୋଟି ୯୦ ଲକ୍ଷ ୬୭ ହଜାର ୩୬୦ ଟଙ୍କା ସହାୟତା ରାଶି ମିଳିଥିଲା। ସରକାରଙ୍କ ପ୍ରତିଶ୍ରୁତି ଅନୁସାରେ ଯେତିକି ଅନୁଦାନ ମିଳିଛି ତାହାର ଦୁଇଗୁଣା ଅର୍ଥ ରାଶି ସହାୟତା ଦେଇଥିଲେ। ଏହି ବାବଦରେ ମୋଟ ୩୮ କୋଟି ୭୨ ଲକ୍ଷ ୨୦୮୦ ଟଙ୍କା ଅନୁଦାନରେ ସମୁଦାୟ ବିଦ୍ୟାଳୟ ପାଇଁ ପୁରାତନ ଛାତ୍ର ଏବଂ ଛାତ୍ରୀଛାତ୍ରଙ୍କ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ଲକ୍ଷ୍ୟ ରଖି ଚଳିତ ମାସ ସୁଦ୍ଧା ୮୦୪୩ଟି ପ୍ରକଳ୍ପ ପାଇଁ ଖସଡା ପ୍ରସ୍ତୁତ କରାଯାଇ ବିଭାଗକୁ ହସ୍ତାନ୍ତର କରାଯାଇଛି । ସେଥିମଧ୍ୟରୁ ୧୦୨ଟି ନିହାତି ଆବଶ୍ୟକ ପ୍ରକଳ୍ପ ରହିଛି । ଏଣୁ ଏହି ମୋ ସ୍କୁଲ ଅଭିଯାନକୁ ବ୍ୟାପକ ଭାବେ ସଚେତନତା କରାଯାଇ ଅଧିକରୁ ଅଧିକ ପୁରାତନ ଛାତ୍ର ଏବଂ ଅନୁଷ୍ଠାନର ବ୍ୟକ୍ତିମାନଙ୍କୁ ସାମିଲ କରି ଶିକ୍ଷାରେ କିପରି ଉନ୍ନତି ଆସିବ ସେଥିପାଇଁ ପଦକ୍ଷେପ ନେବାକୁ ମୋ ସ୍କୁଲ କାର୍ଯ୍ୟକ୍ରମର ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚି କହିଛନ୍ତି । ବୁଧବାର ସ୍ଥାନୀୟ ଜିଲା ପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ 'ମୋ ସ୍କୁଲ' କାର୍ଯ୍ୟକ୍ରମ ନେଇ ଗଞ୍ଜାମ ଓ ଗଜପତି ଜିଲାର ବିଇଓମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷା ଶ୍ରୀମତୀ ବାଗ୍‌ଚି ଯୋଗଦେଇ ଏହି ଦୁଇ ଜିଲା ଅଧୀନରେ ଥିବା ସମସ୍ତ ସ୍କୁଲଗୁଡିକରେ ମୋ ସ୍କୁଲ କାର୍ଯ୍ୟକ୍ରମ ସଂକ୍ରାନ୍ତ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଛନ୍ତି। କେତେକ ସ୍କୁଲର ପ୍ଲାନ ପ୍ରସ୍ତୁତ ହୋଇନଥିବା ବେଳେ ଖୁବ ଶୀଘ୍ର ପ୍ଲାନ ପ୍ରସ୍ତୁତ କରି ସରକାରଙ୍କୁ ପଠାଇବା ନିମନ୍ତେ ଅଧ୍ୟକ୍ଷା ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଗଞ୍ଜାମ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭୀ.କିର୍ତ୍ତୀଭାସନ, ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ, ଜିଲା ପରିଷଦର ନିର୍ବାହୀ ଯନ୍ତ୍ରୀ ଇଂ ମନୋଜ କୁମାର ବେହେରା, ମୋ ସ୍କୁଲ ରାଜ୍ୟ କାର୍ଯ୍ୟାଳୟର ଅମରଜିତ ଜେନା ଓ କୀର୍ତ୍ତି ସମ୍ଭାବ ପ୍ରମୁଖ ଯୋଗଦେଇଥିଲେ।

# ପ୍ରଧାନ ଶିକ୍ଷକ ନିଲମ୍ବନ ପ୍ରତିବାଦରେ ଧାରଣା

## ପରୀକ୍ଷା ବର୍ଜନ ଚେତାବନୀ ଦେଲେ ଛାତ୍ରୀଛାତ୍ର



ଗଞ୍ଜାମ,୧୨।୧୦(ବିଦ୍ୟାଧର ସାହୁ)

ଗଞ୍ଜାମ ସହର ମଧ୍ୟଖଣ୍ଡ ସାହିରେ ଥିବା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରାଙ୍କୁ କୌଣସି କାରଣରୁ ବିଇଓ ଭାଗିରଥି ବେହେରା ସସପେଣ୍ଡ କରିଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ପାଠପଢା ଛାଡି ଛାତ୍ରୀଛାତ୍ରଙ୍କ ସମେତ ସ୍କୁଲ ପରିଚାଳନା କମିଟି ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ପ୍ରଧାନ ଶିକ୍ଷକ ବେହେରାଙ୍କ ସସପେଣ୍ଡ ଅର୍ଡର ପ୍ରତ୍ୟାହାର କରିବାକୁ ଜିଦରେ ଅଟଳ ଅଭିଭାବକ ସଂଘ ଓ ଛାତ୍ରୀଛାତ୍ର। ପ୍ରଧାନ ଶିକ୍ଷକ ନ ଆସିଲେ ଆମେ ଆସନ୍ତା କାଲି ହେବାକୁ ଥିବା ପରୀକ୍ଷା ବର୍ଜନ କରିବୁ ବୋଲି ଚେତାବନୀ ଦେଇଛନ୍ତି ସ୍କୁଲ ଛାତ୍ରୀଛାତ୍ର। ପ୍ରଧାନ ଶିକ୍ଷକ ବେହେରା ଆମର ଗଣିତ ଓ ଇଂଲିଶ ସବଜେକ୍ଟ ନେଇଛନ୍ତି। ଆମେ କିପରି ପଢ଼ିବୁ ଓ କେମିତି ପରୀକ୍ଷା ଦେବୁ ବୋଲି ସ୍କୁଲ ପିଲାମାନେ ପ୍ରଶ୍ନ କରିଛନ୍ତି। ଏବିଇଓ ବିଜୟ ଚନ୍ଦ୍ର ବେହେରା ଧାରଣାସ୍ଥଳକୁ ଆସି ଉତ୍ତ୍ୟକ୍ତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ ମଧ ଧାରଣାରୁ ହଟି ନାହାନ୍ତି ଅଭିଭାବକ ତଥା ସ୍କୁଲ ପରିଚାଳନା କମିଟି ଓ ଛାତ୍ରୀଛାତ୍ର। ଆସନ୍ତା ତିନି ଦିନ ମଧ୍ୟରେ ସମସ୍ୟା ସମାଧାନ କରାଯିବ ବୋଲି ଏବିଇଓ ବେହେରା କହିବା ପରେ ମଧ ଜିଦରେ ଅଟଳ ଅଛନ୍ତି ସ୍କୁଲ ପିଲା। ଫଳରେ ସେଠାରେ ଚାପା ଉତ୍ତେଜନା ଦେଖା ଦେଇଛି। ଗଞ୍ଜାମ ଥାନା ଏଏସ୍ଆଇ ସୁପ୍ରଭା ସାହୁ ଧାରଣାସ୍ଥଳରେ ପହଞ୍ଚିଥିଲେ। ପରେ ଏବିଇଓ ଲିଖିତ ପ୍ରତିଶ୍ରୁତି ପରେ ଧାରଣାରୁ ଓହରି ରହିଲେ ଛାତ୍ରୀଛାତ୍ର। ଅନ୍ୟପଟେ ବିଇଓ ବେହେରା ଆକ୍ରୋଶ ମୂଳକ ଭାବେ ତାଙ୍କୁ ସସପେଣ୍ଡ କରିଛନ୍ତି ବୋଲି ସ୍କୁଲ ପିଲାମାନେ ବିଇଓଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଛନ୍ତି।

# ରାଷ୍ଟ୍ରୀୟ ପୋଷଣ ମାସ ଉଦ୍‌ଯାପିତ



ଅତିଥିମାନଙ୍କ ଗହଣରେ ସମ୍ମାନିତ ପ୍ରତିଭା।

ଛତ୍ରପୁର, ୧୨।୧୦(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ):

ଜିଲା ସମାଜ ମଙ୍ଗଳ ବିଭାଗ ତରଫରୁ ସ୍ଥାନୀୟ ଋଷିକୂଲ୍ୟା ଭବନ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ପୋଷଣ ମାସ ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରା, ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ, ଡେପୁଟି କଲେକ୍ଟର ଦୀପ୍ତିମୟୀ ପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ଆବେଦା ପରବିନ, ମହିଳା ସୁରକ୍ଷା ଅଧିକାରୀ ସଂଗୀତ ପାତ୍ର, ଆକ୍ସନ ଏଡ଼ର ଜିଲା ସଂଯୋଜକ ଦେବବ୍ରତ ମାହୁନ୍ତ, ପୋଷଣ ଜିଲା ସଂଯୋଜକ ଅମିତ କୁମାର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୩ ଜଣ ଲେଖାଏଁ ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ, କିଶୋରୀ ବାଳିକାମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହା ସହିତ ପୋଷଣ ଏବଂ ମମତା ସଂଯୋଜକମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା।

### ଉନ୍ନୟନ କାର୍ଯ୍ୟ ପରିଦର୍ଶନ କଲେ ବିଡିଓ

ଧରାକୋଟ,୧୨।୧୦ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ବାହାଁରପୁର ପଞ୍ଚାୟତ ଅଧୀନରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପ୍ରାୟ ୪୫ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଚାଲିଛି । ଏହିସବୁ କାର୍ଯ୍ୟକୁ ଧରାକୋଟ ବିଡିଓ ଡେନିସ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ ନାୟକ ପ୍ରମୁଖ କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରିଥିଲେ । ସରପଞ୍ଚ ଗୀତା ନାୟକ, ସମିତି ସଭ୍ୟ ସୁଜାତା ଜେନା, ନିର୍ବାହୀ ଅଧିକାରୀ ଅମୂଲ୍ୟ ରାଉଳ, ଜିଆର୍ଏସ୍ ସୁଜାତ ନାୟକ, ନାଏବ ସରପଞ୍ଚ ସଚିଦାନନ୍ଦ ତ୍ରିପାଠୀ, ଗାଁ ସାଥୀ ଓ ଗ୍ରାମ୍ୟ କମିଟି ସଭ୍ୟମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ଅଧୀନରେ ମୋଟ ୨୧ ଗାଁ ରହିଥିବା ବେଳେ ଚାଷଜମିର ଉନ୍ନତୀକରଣ ପାଇଁ ୨୨୦ ଜଣ ହିତାଧିକାରୀ, ମୋ ଉପକାରୀ ବଗିଚା ପାଇଁ ୧୭୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିବା ବେଳେ ୩୩୫ ଜଣଙ୍କୁ ପ୍ରାୟ ୨୯୦୦ ନଡିଆ ଚାରା ବଣ୍ଟନ କରାଯାଇଛି।

# ସତ୍ୟସାଇ ଅନୁଷ୍ଠାନ ଦ୍ୱାରା ସିପିଆର୍ ତାଲିମ ଶିବିର

ବାଲିଗୁଡା,୧୨।୧୦(ସଞ୍ଜୟ ପାଣିଗ୍ରାହୀ)

ବାଲିଗୁଡା ନିକଟସ୍ଥ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ସତ୍ୟସାଇ ସେବା ସଂଗଠନ ଆନୁକୂଲ୍ୟରେ ଏକ ସିପିଆର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମନୁଷ୍ୟ ଶରୀର ଏକ ମୂଲ୍ୟବାନ ଅଂଶ ହେଉଛି ହୃତପିଣ୍ଡ । ଆଧୁନିକ ଜୀବନଶୈଳୀ, ଫାଷ୍ଟଫୁଡର ବହୁଳ ବ୍ୟବହାର, ମାଦକ ଦ୍ରବ୍ୟ ସେବନ ଶାରୀରିକ ଶ୍ରମ ଅଭାବ ଇତ୍ୟାଦି କାରଣରୁ ମଣିଷ ବହୁ ସମୟରେ ହୃଦଘାତର ଶିକାର ହେଉଛନ୍ତି। ଅସମୟରେ ବହୁ ଧନଜୀବନ ନଷ୍ଟ ହେଉଛି। ତେଣୁ ହୃଦଘାତ ହେଲେ ଆମେ କ'ଣ ସଚେତନ ନାଗରିକ ହିସାବରେ କ'ଣ କରିବା ବିଶେଷକରି ଡାକ୍ତରଖାନା ନେବା ପୂର୍ବରୁ ରୋଗୀଟିର ଶ୍ୱାସକ୍ରିୟାକୁ କିପରି ପୁନଃଜାଗ୍ରତ କରିବା ସେହି କୌଶଳ ଏହି ଶିବିରରେ ବୁଝାଯାଇଥିଲା । ସତ୍ୟସାଇ ସେବା ସଂଗଠନ ଦ୍ୱାରା ପ୍ରେରିତ ଚନ୍ଦନ, ଅବିନାସ, ମାନସ ଓ କ୍ରୀଷ୍ଣା ଭାଇ ଭୁବନେଶ୍ୱରରୁ ଆସି ସିପିଆର ତାଲିମର ଆବଶ୍ୟକତା ଏହାର କୌଶଳ ଆଦିକୁ ଅତି ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ସତ୍ୟସାଇ ସେବା ସଂଗଠନର କନ୍ଧମାଳ ଜିଲା ସଭାପତି ଏହି ଶିବିରର ଆରମ୍ଭରୁ ସତ୍ୟସାଇବାବା ଏବଂ ସମସ୍ତଙ୍କୁ ସ୍ୱାଗତ ପ୍ରଦାନ କରିଥିଲେ। ଏହାପୂର୍ବରୁ ଦାରିଙ୍ଗବାଡିର ପ୍ରମିଳା ଦେବୀ ଡିଗ୍ରୀ କଲେଜ ଓ ଆମ୍ବେଦକର କଲେଜରେ ଅନୁଷ୍ଠିତ ହୋଇଯାଇଛି ।

# ୭୦ ଗ୍ୟାସ ସିଲିଣ୍ଡର ଜବତ

ଫୁଲବାଣୀ,୧୨।୧୦(ରାକେଶ କୁମାର ରାଉତ)

ଫୁଲବାଣୀ ସହରରେ ଗୁରୁବାର ଜିଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ୭୦ ଗ୍ୟାସ ସିଲିଣ୍ଡର ଜବତ କରିଛି। ସହରରେ ପ୍ରକୃତ ହିତାଧିକାରୀଙ୍କୁ ଗ୍ୟାସ ଠିକ୍ ସମୟରେ ମିଳୁନଥିବାରୁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି । କିନ୍ତୁ ଗ୍ୟାସ ସିଲିଣ୍ଡର କଳାବଜାରୀ ହେଉଥିବା ଘଟଣା ସାମ୍ନାକୁ ଆସିଛି। ସହରର ଏକ ବେକେରୀ ଫ୍ୟାକ୍ଟ୍ରି ନିକଟରେ ଥିବା ଦୁଇଟି ଗୃହରୁ ୭୦ଟି ଘରୋଇ ସିଲିଣ୍ଡର ଏବଂ ୬୦ଟି ୫ କେଜିଆ ସିଲିଣ୍ଡର ଜବତ କରାଯାଇଛି। ଏହି ଘଟଣାରେ ଶତର ଚନ୍ଦ୍ର ଦାସଙ୍କ ନାମରେ ଅତ୍ୟାବଶ୍ୟକ ଆଇନ ଅନୁସାରେ ମାମଲା ରୁଜୁ ହୋଇଛି। ଚଢ଼ାଉ ବେଳେ ଏଧିକାଂଶ ସିଲିଣ୍ଡର ଏଚ୍‌ପିର ରହିଛି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ମିଶ୍ର କୁହନ୍ତି ଆବଶ୍ୟକ କରୁ ନ ଥିବା ଲୋକଙ୍କ ନାମରେ ଶରତ କଂଜୁମର କରି ଗ୍ୟାସ ଉଠାଣ କରନ୍ତି । ଏହାକୁ ଗଚ୍ଛିତ ରଖି ଦୋକାନୀମାନଙ୍କୁ ଚଢ଼ା ଦରରେ ବିକ୍ରି କରନ୍ତି । ଯଦି କିଛି ଅଘଟଣ ଘଟିବ ଏଥିପାଇଁ କିଏ ଦାୟୀ ରହିବ । ତେଣୁ ସବୁ ଦିଗକୁ ଆଧାର କରି ତଦନ୍ତ କରାଯାଉଛି। ଯଦି ଗ୍ୟାସ ଏଜେନ୍ସିର ସମ୍ପୃକ୍ତି ଆସିବ, ତାହାଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏହି ଚଢ଼ାରେ ଅତିରିକ୍ତ ଯୋଗାଣ ଅଧିକାରୀ ସୂର୍ଯ୍ୟ କୁମାର ପାଣିଗ୍ରାହୀ, କବିତାରାଣୀ ବେହେରା, ପି.ଭାର୍ଗବୀ ପ୍ରମୁଖ ସାମିଲ ଥିଲେ।

### ମୋହନାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ମୋହନା,୧୨।୧୦(ମନ୍ମଥ ମିଶ୍ର)

ମୋହନାରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ରଞ୍ଜୀବ ଶବରଙ୍କ ନେତୃତ୍ୱରେ ସ୍ଥାନୀୟ ହାଇସ୍କୁଲ ଛକରୁ ଏକ ବିଶାଳ ଶୋଭାଯାତ୍ରା ପରେ ବଜାର ଛକରେ ଆୟୋଜିତ ପଥପ୍ରାନ୍ତ ସଭାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ସମ୍ପର୍କରେ କହିଥିଲେ ବିଜେଡି ନେତା। ଏହି ପଦଯାତ୍ରାରେ ବିଜେଡି ଜିଲା ସଭାପତି ଜଗବନ୍ଧୁ ଦାସ, ଉପ ସଭାପତି ଅନ୍ତର୍ଯ୍ୟାମୀ ଗମାଙ୍ଗ, ଦଣ୍ଡକ୍ଷସୀ ସାହୁ, ଯୁବ ବିଜେଡି ନେତା ଏସ୍ ଲିଙ୍ଗରାଜ, ବରିଷ୍ଠ ନେତା ରାଜୀବ ମଲିକ, ନର୍ମଦା ଦଳାଇ, ଯୁବ ସଭାପତି ଲିଙ୍ଗରାଜ ପୂଜାରୀ, ଯୁବନେତା ମଶା ମାଝୀ, ବିଳାସ ନାୟକ, ହାଡ଼ିଆ କନ୍ଧ, ଜିଲା ପରିଷଦ ସଭ୍ୟ ସୁନୀଲ ବିଶୋଇ, ଯୁବନେତା ଫିରୋଜ ପଟନାୟକ ଓ ସନ୍ତୋଷ ବେହେରା ଯୋଗଦେଇଥିଲେ।

# ଓଡ଼ିଆ, ପଦାର୍ଥ ବିଜ୍ଞାନ ବିଭାଗର ପାଠଚକ୍ର

ଭଞ୍ଜନଗର,୧୨।୧୦(ବାବୁଲା ପ୍ରଧାନ)

ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ଗୁରୁବାର ଓଡ଼ିଆ ବିଭାଗ ପକ୍ଷରୁ ଓଡ଼ିଶାର ସଂସ୍କୃତି ଓ ପରମ୍ପରାରେ ଆଦିବାସୀ ନୃତ୍ୟ ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ଏହାକୁ ଅବସରପ୍ରାପ୍ତ ପ୍ରାଧ୍ୟାପକ କୃତିବାସ ବିଶାଳ ଉଦଘାଟନ କରିଥିଲେ। ଅଧ୍ୟକ୍ଷ ଡଃ ସୁଶାନ୍ତ କୁମାର ମଲ୍ଲିକ ସଭାରେ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀ ସୁମିତ୍ରା ସ୍ୱାଇଁ ସନ୍ଦର୍ଭ ପଠନ କରିଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣମୟୀ ମହାରଣା ସହଯୋଗ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅମୂଲ୍ୟ ସତପଥୀ ସଭା ସଂଯୋଜନା କରିଥିଲେ। ଛାତ୍ରୀ ପ୍ରିୟଙ୍କା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ସେହିଭଳି ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଗୁରୁବାର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସସ୍ମିତା ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରାଧ୍ୟାପିକା ଆରତିବାଳା ପ୍ରଧାନ, ପ୍ରାଧ୍ୟାପକ ବିଭାସ ଦାସ, ଅଧ୍ୟାପକ ଅର୍ପଣ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ର ସିଦ୍ଧାର୍ଥ ସତପଥୀ ସନ୍ଦର୍ଭ ପଠନ କରିଥିବା ବେଳେ ତାଙ୍କୁ ଅଧ୍ୟାପିକା ସୁଦ୍ଧାଶ୍ରୀ ନାୟକ ସହଯୋଗ କରିଥିଲେ। ଅଧ୍ୟାପକ ରମାକାନ୍ତ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଦିଗପହଣ୍ଡି ବ୍ଲକ ସରପଞ୍ଚ ସଂଘର ପରିବର୍ଦ୍ଧିତ ସଭା

ଦିଗପହଣ୍ଡି,୧୨।୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ସରପଞ୍ଚ ସଂଘର ପରିବର୍ଦ୍ଧିତ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବ୍ଲକ କରପଡା ପଞ୍ଚାୟତ ବାଲିଯୋଡି ଗ୍ରାମ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ସଭାରେ ସଂଘର ବିବିଧ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା। ପରେ ସଂଘର ପୁନର୍ଗଠନ ନିମନ୍ତେ କରପଡା ପଞ୍ଚାୟତ ସରପଞ୍ଚ ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀଙ୍କୁ ବ୍ଲକ ସରପଞ୍ଚ ସଂଘ ସଭାପତିଭାବେ ସର୍ବସମ୍ମତ କ୍ରମେ ମନୋନୀତ କରାଯାଇଥିଲା। ପୂର୍ବରୁ ସଂଘର ଦାୟିତ୍ୱରେ ରହିଥିବା କଇଠଖଣ୍ଡି ସରପଞ୍ଚ ମନୋରଞ୍ଜନ ଗୌଡ଼ ବର୍ତ୍ତମାନ ରାଜ୍ୟ ଉପସଭାପତି ଏବଂ ଗଞ୍ଜାମ ଜିଲା ସରପଞ୍ଚ ସଂଘର ସଭାପତି ଭାବେ ଦାୟିତ୍ୱରେ ରହିଥିବା ଯୋଗୁ ସେ ଆୟୋଜିତ ବୈଠକରେ ନିଜ ପଦବୀରୁ ଓହରି ଯାଇଥିବା ଜଣାପଡିଛି। ଆୟୋଜିତ ସଭାରେ ଜିଲା ସରପଞ୍ଚ ସଂଘ ସଭାପତି ଏବଂ ଦିଗପହଣ୍ଡି ବ୍ଲକ ସରପଞ୍ଚ ସଂଘର ନବ ନିର୍ବାଚିତ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ଉପସଭାପତି ରୂପେ ତପନ କୁମାର ପ୍ରଧାନ, ସମ୍ପାଦକ ସନ୍ତୋଷ ଦୋରା, ସହ ସମ୍ପାଦକ ରବିଚନ୍ଦ୍ର ଗୌଡ଼, କୋଷାଧ୍ୟକ୍ଷ ଶିଶିର ପ୍ରଧାନ, ଉପଦେଷ୍ଟା ଭାବେ ଶିବରାମ ପ୍ରଧାନ, ବି. କ୍ରିଷ୍ଣାରାଓ ସୁବୁଦ୍ଧି, ପ୍ରଶାନ୍ତ କୁମାର ପ୍ରଧାନ, ବିଜୟ କୁମାର ପ୍ରଧାନ, ଗୀତାଞ୍ଜଳୀ ଜାନୀଙ୍କୁ ମନୋନୀତ କରାଯାଇଥିଲା। ଏହି ସଭାରେ ଗଡ଼ ଗୋବିନ୍ଦପୁର ସରପଞ୍ଚ ରଞ୍ଜନ କୁମାର ସାହୁ, ଲିଙ୍ଗରାଜ ଦୋରା, ଚିତ୍ରସେନ ଗୌଡ଼ଙ୍କ ସମେତ ବିଭିନ୍ନ ସରପଞ୍ଚ ଉପସ୍ଥିତ ଥିଲେ।

# ପାହାଡ଼ ଚଢ଼ି ଚିଠି ବାଣ୍ଟୁଛନ୍ତି ପୋଷ୍ଟ ମାଷ୍ଟର

ମୋହନା,୧୨।୧୦(ମନ୍ମଥ ମିଶ୍ର)



ଡାକ ସେବା ବ୍ରିଟିଶ ଅମଳରୁ ଆରମ୍ଭ ହୋଇଥିବା ବେଳେ ବହୁ ପୁରାତନ କାଳରୁ ଲୋକଙ୍କୁ ଏହି ସେବା ଯୋଗାଇ ଆସୁଛି। ଜନସାଧାରଣଙ୍କୁ ସଞ୍ଚୟ ଖାତା, ପୁନଃ ସଂଘଟିତ ଜମା ଖାତା, ମାସିକ ଆୟ ଖାତା, ସୁକନ୍ୟା ସମୃଦ୍ଧି ଯୋଜନା ଓ ପେନସନ ସ୍କିମ୍ ସମେତ ବିଭିନ୍ନ ପ୍ରକାର ସେବା ଯୋଗାଇ ଆସୁଥିବା ବେଳେ ଦୁର୍ଗମ ଅଞ୍ଚଳରେ ଏହି ସମସ୍ତ ସେବା କିଭଳି ଚାଲିଛି ତାର ବାସ୍ତବ ଚିତ୍ର ସାମ୍ନାକୁ ଆସିଛି। କେଉଁଠି ପୋଷ୍ଟ ମାଷ୍ଟରଙ୍କୁ ଗଛ ମୂଳେ ବସି ଲୋକଙ୍କୁ ସେବା ଯୋଗାଉଛନ୍ତି ତ ଗାଁକୁ ରାସ୍ତା ନ ଥିବାରୁ ଘାଟି ପାହାଡ ଚଢ଼ି ଚିଠି ବାଣ୍ଟୁଛନ୍ତି। ଏହା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକର ମଳାସପଦର ପଞ୍ଚାୟତ। ବର୍ତ୍ତମାନ ଡାକ ସେବା ପାଇଁ ଗ୍ରାହକଙ୍କ ସମସ୍ତ କାମ ଅନଲାଇନରେ ଡାଟା ପଞ୍ଜିକରଣ କରିବାକୁ ପଡୁଥିବା ବେଳେ ଯେଉଁଠି ନେଟୱର୍କ ସୁବିଧା ନାହିଁ ସେହି ସବୁ ସ୍ଥାନରେ ପୋଷ୍ଟ ମାଷ୍ଟରଙ୍କୁ ନାହିଁ ନ ଥିବା ହଇରାଣ ହେବାକୁ ପଡୁଛି। ମୋହନା ଉପ ଡାକ ଅଫିସ ଅଧୀନରେ ୯ ଗୋଟି ଶାଖା ଡାକ ଘର ରହିଥିବା ବେଳେ ଅଧିକାଂଶ ସ୍ଥାନରେ ନେଟୱାର୍କ ସୁବିଧା ନ ଥିବାରୁ ଗ୍ରାହକଙ୍କୁ ଠିକ୍ ସମୟରେ ସେବା ଯୋଗାଇବା ସମ୍ଭବ ହେଉନାହିଁ। ମୋହନା ବ୍ଲକ ମଳାସପଦର ପୋଷ୍ଟ ମାଷ୍ଟର ଫୁଲସି ମଣ୍ଡଳ କହିବା ଅନୁସାରେ ନିଜ ଅଞ୍ଚଳରେ ନେଟୱାର୍କ ନ ଥିବାରୁ ଗାଁ ଠାରୁ ୨୦ କିମି ଯାଇ ଏକ ଗଛ ମୂଳେ ବସି ଅନଲାଇନରେ ଗ୍ରାହକଙ୍କ ଡାଟା ଏଣ୍ଟ୍ରି କରୁଛନ୍ତି। ଦିନକୁ ଦୁଇ ଥର ନିଜ ଗାଁରୁ ୨୦ କିମି ଯାତ୍ରା କରି ଲୋକଙ୍କୁ ସେବା ଯୋଗାଉଛନ୍ତି। କେବଳ ସେତିକି ନୁହଁ, ବିଭିନ୍ନ ଗାଁକୁ ଯାତାୟାତ ପାଇଁ ଭଲ ରାସ୍ତା ନାହିଁ। ଡାକ ବ୍ୟାଗ୍ ଆସିବା ପରେ ପୋଷ୍ଟ ପିଅନ ନ ଥିବାରୁ ନିଜେ ଘାଟି ପାହାଡ ଚାଲି ଲୋକଙ୍କ ଚିଠି ବାଣ୍ଟିବାକୁ ପଡୁଛି। ନେଟୱାର୍କ ସୁବିଧା ଥିଲେ ସୁବିଧାରେ ନିଜ ପୋଷ୍ଟ ଅଫିସରେ ବସି ଅନଲାଇନ୍ କାମ କରି ଲୋକଙ୍କୁ ସେବା ଯୋଗାଇ ପାରିଥାନ୍ତେ।

# ସାଇବର ସୁରକ୍ଷା ସଚେତନତା

ଶେରଗଡ/ସୋରଡ଼ା/ପାରଳାଖେମୁଣ୍ଡି, ୧୨।୧୦ (ସୂର୍ଯ୍ୟନାରାୟଣ ଦାଶ/ଲମ୍ବୋଦର ପାଣିଗ୍ରାହୀ/ଗିରିଧାରୀ ପରିଚ୍ଛା)

ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଉପରେ ନାଟକ, ଚଳଚ୍ଚିତ୍ର ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଏସପି ରଞ୍ଜିତ କୁମାର ପୃଷ୍ଟି ଯୋଗଦେଇ ସଚେତନତା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅତିଥି ଭାବେ ଆସିକା ଏସଡିପିଓ ଉମାଶଙ୍କର ସିଂ, ତହସିଲଦାର ତ୍ରିଦେବ ରଥ, ବିଡିଓ ଶିବାଶିଷ ବରାଳ, ଯୁକ୍ତ୨ ଉଦୟ ପ୍ରତାପ କଲେଜର ଶିଶିରକାନ୍ତ ତ୍ରିପାଠୀ, ଥାନାଧିକାରୀ ବରେନ୍ଦ୍ର କୁମାର ଶିଆଳ, ଯୁକ୍ତ ୩ କଲେଜ ଅଧ୍ୟକ୍ଷ ଅଶୋକ କୁମାର ସ୍ୱାଇଁ, ୟୁନିୟନ ବ୍ୟାଙ୍କର ଶାଖା ପରିଚାଳକ ଶିଶିର ହାସପା, ଆମ ପୋଲିସ ସମିତିର ଗୌରହରି ବିଷୋୟୀ, ବାସୁଦେବ ସ୍ୱାଇଁ, ଶ୍ରୀଦୀପ ମହାପାତ୍ର ଯୋଗଦେଇ ପରାମର୍ଶମାନ ଦେଇଥିଲେ।



ପାରଳାଖେମୁଣ୍ଡିଠାରେ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଓ ପୋଲିସ ଅଧିକାରୀମାନେ।

ଏହାପରେ ସାଇବର ଠକେଇ ଉପରେ ଚଳଚ୍ଚିତ୍ର ଦେଖାଯାଇଥିଲା।
ସେହିପରି ସୋରଡ଼ା ପିସିଏମ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସାଇବର ସୁରକ୍ଷା ସଚେତନତା ସଭାରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେଇଥିଲେ। ଅଧ୍ୟକ୍ଷା ସଞ୍ଜୁକ୍ତା ପଣ୍ଡା ଓ ଆଇଆଇସି ଅନିଲ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଜିଲା ଅତିରିକ୍ତ ଏସପି ରଞ୍ଜନ କୁମାର ପୃଷ୍ଟି, ଆସିକା ଏସଡିପିଓ ଉମାଶଙ୍କର ସିଂ, ଏନଏସି ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା, ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ସମେତ ସମସ୍ତ ବ୍ୟାଙ୍କର ଶାଖା ପରିଚାଳକମାନେ ଯୋଗଦେଇଥିଲେ।
ସେହିପରି ଗଜପତି ଏସପି ସ୍ୱାତୀ ଏସ. କୁମାରଙ୍କ ନିର୍ଦ୍ଦେଶ କ୍ରମେ ଗାରବନ୍ଧ ଥାନା ପକ୍ଷରୁ ମାରାଥନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଥାନା ଅଧିକାରୀ ରୀନାରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ରାୟଗଡ ବ୍ଲକ କଇଁପୁର ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ପରେ ଗୋଷାଣି ବ୍ଲକର ଦେଉଳା ହାଇସ୍କୁଲ, ଲିଙ୍ଗିପୁର ଓଡିଶା ଆଦର୍ଶ ବିଦ୍ୟାଳୟ, ବଡହଁସା, ଲାବାଣ୍ୟଗଡ ଏବଂ ଗାରବନ୍ଧ ଆଦି ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ.ବୀରରାଜୁ, ବିଡିଓ ଅଜୟ କୁମାର ପ୍ରଧାନ, ରମ୍ଭା ସମିତି ସଭ୍ୟ ନୀର ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ଗାରବନ୍ଧ ଗ୍ରାମରେ ଏକ ସଚେତନତା ସଭାରେ ଏସ୍‌ଡିପିଓ ମାଧବାନନ୍ଦ ନାୟକ, ଗାରବନ୍ଧ ସରପଞ୍ଚ ପି.ଅଶୋକ କୁମାର, ଶ୍ରୀ ଭେଙ୍କେଟେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବି.ତିରୁମଲା ରାଓ, ଜିଲା ସାଇବର ନୋଡାଲ ଅଧିକାରୀ କୈଳାଶ ଚନ୍ଦ୍ର ବୁରୁଡା, ସାଇବର ଏକ୍ସପର୍ଟ ସଞ୍ଜୟ କୁମାର ପ୍ରମୁଖ ମଞ୍ଚାସୀନ ହୋଇ ପରାମର୍ଶ ଦେଇଥିଲେ।

**ସଂକ୍ଷେପରେ**

## ଆକ୍ରମଣରେ ଦୋକାନୀ ଗୁରୁତର

**ଧର୍ମଶାଳା,୧୨।୧୦(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଥାନା କୋତପୁର ଫାଣ୍ଡି ପାଟପୁର ପଞ୍ଚାୟତ ଚକ୍ରୋଡ଼ା ଛକସ୍ଥିତ ଜଣେ ଦୋକାନୀଙ୍କୁ ବୁଧବାର ରାତିରେ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି। ଏଥିରେ ସେ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଗୁରୁତର ଦୋକାନୀ ହେଲେ ଚକ୍ରୋଡ଼ା ଗ୍ରାମର କୃପାସିନ୍ଧୁ ବେହେରା(୪୩)। ସେ ଗାଁ ଛକରେ ଏକ କ୍ୟାବିନରେ ଜଳଖିଆ ଦୋକାନ କରି ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି। ଦୋକାନରୁ ଚୋରି ହେବା ଭୟରେ ସେ ରାତିରେ ସେଠାରେ ଶୋଉଥିଲେ। ରାତି ୪ଟାରେ ସେ ଉଠି କ୍ୟାବିନରେ ଗୋଟିଏ ପଟ ଖୋଲି ଚାହା ତିଆରି କରୁଥିବାବେଳେ କେତେଜଣ ଦୁର୍ବୃତ୍ତ ଆସି ଦୋକାନରେ ଥିବା ୭ ହଜାର ଟଙ୍କା ଲୁଟି ନେଇଥିଲେ। ସେ ପ୍ରତିବାଦ କରିବାରୁ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରି ଫେରାର ହୋଇଯାଇଥିଲେ। ପାଟି ଶୁଣି ପଡ଼ୋଶୀ ଓ ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୋଲିସ କଟକରେ ପହଞ୍ଚି ବେହେରାଙ୍କୁ ପଚରାଉଚରା କରିଛି। ଦୁର୍ବୃତ୍ତ ମୁହଁରେ କଳାକନା ଗୁଡ଼ାଇଥିବାବେଳେ ନିଜ ଭିତରେ ହିନ୍ଦୀରେ କଥା ହେଉଥିବା କୃପାସିନ୍ଧୁ ପୋଲିସକୁ କହିଛନ୍ତି। ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛି। ଏନେଇ ଥାନାରେ ଏକ ମାମଲା ନଂ.୬୩୫/୨୩ ରୁଜୁ ହୋଇଛି। ସେହିପରି ଉକ୍ତ ରାତିରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଚୋରି ହୋଇଛି।

## ଚୋରି ଅଭିଯୋଗରେ ୨ ଯୁବକ କୋର୍ଟ ଚାଲାଣ

**ଯାଜପୁରରୋଡ୍,୧୨।୧୦ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁରରୋଡ୍ ଥାନା ବ୍ୟାସନଗର ସହର ଅନ୍ତର୍ଗତ ଫେରୋକ୍ରୋମ କଲୋନୀ ଅଞ୍ଚଳରୁ ଲୁହା ଗ୍ରିଲ ଓ କାଠ କବାଟ ଚୋରି ଅଭିଯୋଗରେ ପୋଲିସ ୨ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଚାଇନା ହାଁସଦା(୩୦) ଓ ପାଗଳା ହେମ୍ବରମ(୨୬)। ଉଭୟେ ଯାଜପୁରରୋଡ୍ ଥାନା ପାନାସିଆ ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଧବଳଗିରିସ୍ଥିତ ଫେରୋକ୍ରୋମ ପ୍ଲାଣ୍ଟ କଲୋନୀରୁ ୨ ଲୁହା ଗ୍ରିଲ, ୨ କାଠ କବାଟ, ୩ ଝରକା ଓ ୮ ଝରକା ଚୌକାଠକୁ ସମ୍ପୃକ୍ତ ୨ ଯୁବକ ବୁଧବାର ରାତିରେ ଚୋରି କରି ନେଉଥିଲେ। ପ୍ଲାଣ୍ଟର ସୁରକ୍ଷା କର୍ମୀ ରବୀନ୍ଦ୍ର ଦାସ ଏହା ଦେଖି ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ଚୋରି ସାମଗ୍ରୀ ଜବତ କରିବା ସହ ୨ ଯୁବକଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା ନଂ. ୪୮୭/୨୩ ରୁଜୁ ହୋଇଛି। ସେମାନଙ୍କୁ ଯାଜପୁରରୋଡ୍ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ରେଳ ସାଇଡିଂରେ କୋଇଲା ଅପମିଶ୍ରଣ

**ଯାଜପୁର/କଳିଙ୍ଗନଗର,୧୨।୧୦ (ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ) :**

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମେସ୍କୋ ରେଳୱେ ସାଇଡିଂରେ କୋଇଲା ଅପମିଶ୍ରଣ ଅଭିଯୋଗ ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ ମଙ୍ଗଳବାର ଓ ବୁଧବାର ମାଇନିଂ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଏକ ୬ ଜଣିଆ ଦଳ ତଦନ୍ତ କରି ଫେରିଛନ୍ତି। ଏହି କାରବାର ଗତ ୨ ବର୍ଷ ହେଲା କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗରେ ଚାଲି ଆସିଛି ବୋଲି କୁହାଯାଉଛି। ତେଣୁ ଏହି ତଦନ୍ତ ଲୋକ ଦେଖାଣିଆ ଏବଂ ନିଶ୍ଚିତ ଭାବେ ଚାପି ଦିଆଯିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଶାହା କମିଶନଙ୍କ ରିପୋର୍ଟ ଆଧାରରେ ଆବଶ୍ୟକ ଜରିମାନା ଦେଇ ନ ପାରିବାରୁ ୨୦୨୦ ଜାନୁୟାରୀରୁ ମେସ୍କୋ ଷ୍ଟିଲ କାରଖାନା ବନ୍ଦ ପଡିଛି। ଏହାପରେ ଶ୍ରମିକ ଓ କର୍ମଚାରୀମାନଙ୍କ ବକେୟା ଦରମା ପ୍ରଦାନ କରିବା ଉଦ୍ଦେଶ୍ୟ ରଖି ମେସ୍କୋ କାରଖାନା ପରିସରରେ ଥିବା ରେଳୱେ ସାଇଡିଂ ଆରମ୍ଭ କରାଯାଇଥିଲା। କିନ୍ତୁ ଏଥିରେ ଶ୍ରମିକ ଓ କର୍ମଚାରୀମାନଙ୍କୁ କୌଣସି ଲାଭ ମିଳିଲା ନାହିଁ। ବରଂ ରେଳୱେ ସାଇଡିଂରେ ତାଳଚେର ଅଞ୍ଚଳରୁ ଆସୁଥିବା କୋଇଲା ସହ ଶିଳ୍ପ କାରଖାନାରୁ ବାହାରୁଥିବା କଳାପାଉଁଶ ଗୁଣ୍ଡ ଓ ଚାରକୋଲ ମିଶାଇ ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିବା ମାଇନିଂ ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ ବିପୁଳ ପରିମାଣରେ ଶିଳ୍ପ



ରେଲ୍‌ୱେ ସାଇଡିଂରେ କୋଇଲା ଗଚ୍ଛିତ ରହିଛି।

ବର୍ଜ୍ୟବସ୍ତୁ ତଥା କଳା ପାଉଁଶ ଗୁଣ୍ଡ ଏବଂ ଚାରକୋଲ ଆଣି କୋଇଲା ର୍‍ୟାକରେ ମିଶାଇ ଦିଆଯାଉଥିଲା। ବାକି କୋଇଲାକୁ ଅଲଗା କରି ତାକୁ କଳାବଜାରରେ ବିକ୍ରୀ କରାଯାଉଥିଲା। ଏହି କାରବାରରେ ସ୍ଥାନୀୟ କେତେଜଣ ଶ୍ରମିକ ନେତାଙ୍କ ହାତ ରହିଥିବା ମଧ୍ୟ ଆଲୋଚନା ହେଉଛି। ସ୍ଥାନୀୟ କେତେଜଣ ଖଣି ବିଭାଗ ଅଧିକାରୀ ମଧ୍ୟ ଏନେଇ ଜାଣିଶୁଣି ନୀରବ ରହୁଛନ୍ତି। ତେଣୁ ସେମାନେ କେବେ ଏଠାରେ ଚଢ଼ାଉ କରିଥିବା ଦେଖାଯାଇନାହିଁ । ଏପରି କି ସେଠାରୁ କୋଇଲା ବୋଝେଇ ହେଉଥିବା ରେଳ ର୍‍ୟାକରେ ଅଧା କୋଇଲା ସହିତ ଅଧା ଚାରକୋଲ ଓ କାରଖାନାର ବର୍ଜ୍ୟ ଆସ୍ ବୋଝେଇ କରାଯାଉଥିଲେ ମଧ୍ୟ ରେଳ ବିଭାଗ କେବେ କାର୍ଯ୍ୟାନୁଷ୍ଠାନ ନେବା ଉଦାହରଣ ନାହିଁ । ଏପରି କି ସାଇଡିଂ ପରିସରରେ କୋଇଲା ଗଦା କରିବାର ନିୟମ ନାହିଁ। ତଥାପି ଅପମିଶ୍ରଣ ପାଇଁ ବହୁ ଦିନ ଧରି କୋଇଲା ଗଦା କରାଯାଉଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ନୀରବ ରହିଛନ୍ତି। କାରଖାନା ପରିସରରେ ଅନୁମତି ନ ଥିବା ଏକାଧିକ ସ୍ଥାନରେ ଚୋରା କାରବାର ପାଇଁ ଅପମିଶ୍ରଣ ଖୋଲା ମେଲାରେ ଚାଲିଛି । ଶିଳ୍ପାଞ୍ଚଳରୁ ମିଳୁଥିବା ଚାରକୋଲର ଟନ୍ ପ୍ରତି ସର୍ବାଧିକ ମୂଲ୍ୟ ୭୦୦ ଟଙ୍କା ହୋଇଥିବାବେଳେ ଶିଳ୍ପ ଉତ୍ପାଦନ ପାଇଁ ଆସୁଥିବା କୋଇଲା ଟନ ପ୍ରତି ମୂଲ୍ୟ ପାଖାପାଖି ୪୦୦୦ ଟଙ୍କା ରହିଛି । ତେଣୁ ପ୍ରତି ଟନ ଅପମିଶ୍ରଣ ବାବଦରେ ବ୍ୟବସାୟୀମାନେ ୩୩୦୦ ଟଙ୍କାରୁ ଅଧିକ ଲାଭ କରୁଥିଲେ। ଅନ୍ୟପକ୍ଷେ ଶିଳ୍ପ ପାଉଁଶ ଗୁଣ୍ଡ ମାଗଣାରେ ମିଳିଯାଉ ଥିବାରୁ କୋଇଲା କେଳେଙ୍କାରୀରେ ଏହି ବ୍ୟକ୍ତିମାନେ ବିପୁଳ ପରିମାଣର ଲାଭ ଉଠାଉଛନ୍ତି । ଦୀର୍ଘ ବର୍ଷ ଧରି ଗଚ୍ଛିତ ରହିଥିବା ଏକ କାରଖାନାର ବର୍ଜ୍ୟ ପାଉଁଶ ଏହି ବେଆଇନ କାରବାର ଚଳାଇବା ପାଇଁ ବେଶ ସହାୟକ ହୋଇ ପାରିଛି ବୋଲି ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ଭୁବନେଶ୍ୱର ମାଇନିଂ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢ଼ାଉ କରିଥିଲେ ବି କିଛି ସୁରାକ ପାଇ ନ ଥିବା କୁହାଯାଉଛି। କାରଣ ପୂର୍ବରୁ ଏହି ଚୋରା କାରବାରରେ ଲିପ୍ତ ଥିବା ଅଧିକାରୀ ଓ କର୍ମଚାରୀମାନେ ସତର୍କ ହୋଇ ଯାଇଥିଲେ।

ଏନେଇ ଯାଜପୁର ରୋଡ ଖଣି ଉପନିର୍ଦ୍ଦେଶକ ବିଭୂତି ଭୂଷଣ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ନେଇ ପୂର୍ବରୁ ସେ ଅଭିଯୋଗ ପାଇଛନ୍ତି। ଏହି କ୍ରମରେ ଏକ ସ୍ୱତନ୍ତ୍ର ଦଳ ୨ଦିନ ଧରି ତଦନ୍ତ କରି ଫେରିଛନ୍ତି। ଏଯାଏ ତଦନ୍ତ ରିପୋର୍ଟ ମିଳିନାହିଁ। ରିପୋର୍ଟ ମିଳିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ରବି ଫସଲର ଉନ୍ନତି ପାଇଁ ବିଧାୟକଙ୍କ ସମୀକ୍ଷା

**ବଡ଼ଚଣା,୧୨।୧୦(ଦିଲୀପ ମହାନ୍ତି):**

ଭୌଗୋଳିକ ଦୃଷ୍ଟିରୁ ବଡ଼ଚଣାର ପୂର୍ବଅଂଶ ବନ୍ୟା ପ୍ଲାବିତ ହୋଇଥିଲାବେଳେ ପଶ୍ଚିମାଞ୍ଚଳ ମରୁଡ଼ି। ବଡ଼ଚଣାର ଚାଷୀମାନେ ଧାନ ଚାଷ ଉପରେ ନିର୍ଭର କରୁଥିବାବେଳେ ଅନ୍ୟ ଚାଷ ପ୍ରତି ବିମୁଖ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଚାରିବାଟିଆସ୍ଥିତ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟଠାରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଏକ ସମୀକ୍ଷା ବୈଠକ ଡାକି ଚଳିତ ବର୍ଷ ବଡ଼ଚଣାରେ ୩୧୯୩ ହେକ୍ଟର ଜମିରେ ରବି ଫସଲ ଚାଷ କରାଇବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଚାଷୀଙ୍କୁ ସରକାରଙ୍କ ତରଫରୁ ଉନ୍ନତମାନର ବିହନ, କୀଟନାଶକ, କୃଷି ଯନ୍ତ୍ରପାତି ରିହାତି ଦରରେ ଯୋଗାଇ ଦେବା ସହିତ ଆବଶ୍ୟକ ଜଳସେଚନ ବ୍ୟବସ୍ଥା କରିବାକୁ କହିଛନ୍ତି। ବୈଠକରେ ଇଂ. ରୋହିତ କୁମାର ସେଠୀ, ଜାରକା ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାମଦେବ ଦାସ, ଚଣ୍ଡିଖୋଲ ଜଳସେଚନ ବିଭାଗ ସହକରୀ ନିର୍ବାହୀ ଯନ୍ତ୍ରୀ ଭାଗବତ ବେହେରା, ସହକାରୀ ଯନ୍ତ୍ରୀ ତୁଷାରକାନ୍ତ ମହାପାତ୍ର, ବୈରୀ ସହକାରୀ ଯନ୍ତ୍ରୀ ଇତିଶ୍ରୀ ସାହୁ, ପାଣି ପଞ୍ଚାୟତ ଡିଷ୍ଟ୍ରିବ୍ୟୁଟାରି ସମ୍ପାଦକ ନଳିନୀକାନ୍ତ ପୃଷ୍ଟି, ଜଗତପୁର ସହକରୀ ନିର୍ବାହୀ ଯନ୍ତ୍ରୀ ଗଦାଧର ବାରିକ, ଜଗତପୁର ସହକାରୀ ଯନ୍ତ୍ରୀ ପ୍ରତ୍ୟୁଷ କୁମାର ତରାଇ, ବଡ଼ଚଣା କୃଷି ଅଧିକାରୀ ଲୋକନାଥ ମିଶ୍ର ଓ ପଲ୍ଲୀ ମଙ୍ଗଳ ସେବା ସମବାୟ ସମିତି ସଭାପତି ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସମସ୍ୟାରେ ତେଲିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ



**ପାଣିକୋଇଲି,୧୨।୧୦(ବିକାଶ ମଲ୍ଲିକ):**

କୋରେଇ ଶିକ୍ଷାମଣ୍ଡଳ ଅଧୀନ ଗୋଳେଇପୁର ପଞ୍ଚାୟତର ତେଲିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ନାନା ସମସ୍ୟା ଘେରରେ ରହିଛି। ବିଦ୍ୟାଳୟରେ ଗ୍ରାମର ପାଖାପାଖି ୫୦ ପିଲା ଅଧ୍ୟୟନ କରୁଥିବାବେଳେ ସେମାନଙ୍କ ପାଇଁ ପ୍ରଧାନ ଶିକ୍ଷକ ଓ ଦୁଇ ସହକାରୀ ଶିକ୍ଷକ ରହିଛନ୍ତି।

ବିଦ୍ୟାଳୟ ଚାରି ପାଖ ଘାସରେ ପରିଣତ ହୋଇଛି। ଶୌଚାଳୟ ଉଇ ହୁଙ୍କାରେ ଭର୍ତ୍ତି ହୋଇଛି। ଫଳରେ ପିଲାଙ୍କ ସହିତ ଶିକ୍ଷକମାନେ ଶୌଚ ହେବା ଲାଗି ବାହାରକୁ ଯାଉଛନ୍ତି। ବିଦ୍ୟାଳୟ ପରିଚାଳନା କମିଟିରେ ଗୋଳେଇପୁର ସରପଞ୍ଚଙ୍କ ସମର୍ଥନ ନ ଥିବାରୁ ପିଲାମାନେ ଦୁଇ ବର୍ଷ ହେଲାଣି ପୋଷାକ ପାଇପାରିନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏ ନେଇ ସରପଞ୍ଚ ସସ୍ମିତା ମାଝିଙ୍କୁ ପଚାରିବାରେ ସେ କହିଛନ୍ତି, କମିଟି ଗଠନ ସମୟରେ ତାଙ୍କୁ ଡକାଯାଇ ନ ଥିଲା। ସେହିପରି ବର୍ତ୍ତମାନ ଡେଙ୍ଗୁ ଜ୍ୱର ଚାରିଆଡ଼େ ବ୍ୟାପୁଛି। ତେଣୁ ବିଦ୍ୟାଳୟ ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଅପରିହାର୍ଯ୍ୟ ହୋଇପଡ଼ିଥିବାବେଳେ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକମାନେ ଏଥି ପ୍ରତି ସଜାଗ ନ ଥିବା ଅଭିଯୋଗ ହୋଇଛି। ବାହାରକୁ ଶୌଚ ହେବାକୁ ଯାଉଥିବା ପିଲାମାନଙ୍କୁ ସାପ କାମୁଡ଼ିବାର ମଧ୍ୟ ଭୟ ରହୁଛି। ତେଣୁ ବ୍ଲକ ଶିକ୍ଷାଧିକାରୀ ବିଦ୍ୟାଳୟ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ



କୋରେଇ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ନେତା ଓ କର୍ମୀମାନେ।

**କୋରେଇ,୧୨।୧୦(ଚନ୍ଦ୍ରକାନ୍ତ ପତି):**

ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ କୋରେଇ ନିର୍ବାଚନମଣ୍ଡଳୀ ଅଧୀନ ପଛିକୋଟ ପଞ୍ଚାୟତରେ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋରେଇ ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କୁମାର ଜେନାଙ୍କ ସଭାପତିତ୍ୱରେ ପଞ୍ଚାୟତର ଶତାଧିକ କର୍ମୀ ଏକାଠି ହୋଇ ମା' କାମୁଡାଇ ପୀଠ ନିକଟରେ ଏକ ସଭା ଆୟୋଜନ କରିଥିଲେ। ଏଥିରେ ରାଜ୍ୟ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା ଯୋଗଦେଇ କୋରେଇର ବୈତରଣୀ ନଦୀ ବନ୍ଧ ସମ୍ପର୍କରେ ନିଜର ମତ ରଖିଥିଲେ। ବୈତରଣୀ ନଦୀବନ୍ଧ ମରାମତି ନ ହେବାରୁ ରଣପୁର, ଗୌରପୁର, ମକୁନ୍ଦପୁର, ଅମୃତିଆ, ବନ୍ଧାଳ ଓ ମୂଳାପାଳରେ ପ୍ରତିବର୍ଷ ବନ୍ୟା ଜଳ ପଶି ଚାଷୀମାନେ ପ୍ରଭାବିତ ହେବା ସହିତ କଚ୍ଚାଘରେ ରହୁଥିବା ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଅଞ୍ଚଳରେ କେନାଲ କିମ୍ବା ଜଳସେଚନର ସୁବିଧା ନ ଥିବାରୁ ଚାଷୀମାନେ ନାନା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି ବୋଲି ସେ କହିଥିଲେ। ସେହିପରି ଶିକ୍ଷିତ ଯୁବତୀଯୁବକଙ୍କୁ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି, ବ୍ୟାସନଗର ବସ୍ ଷ୍ଟାଣ୍ଡ ଉନ୍ନତୀକରଣ ଓ ବ୍ୟାସନଗର ପୁରାତନ ରାଜୀବ ଗାନ୍ଧୀ ଷ୍ଟାଡିୟମର ଉନ୍ନତୀକରଣ ଭଳି ୧୨ ଦାବି ନେଇ କୋରେଇ କଂଗ୍ରେସ ଲୋକଙ୍କ ନିକଟରେ ପହଞ୍ଚିଥିବା ପରିଡ଼ା ପ୍ରକାଶ କରିଥିଲେ। ପରେ ମା'କାମୁଡ଼େଇ ନିକଟରୁ ଏକ ଦଳ ପଦଯାତ୍ରା ଆରମ୍ଭ କରି ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ମହିଳା ସଭାନେତ୍ରୀ ରୀତାଶ୍ରୀ ମହାନ୍ତି, ମହିଳା କଂଗ୍ରେସ ନେତ୍ରୀ ଜୟନ୍ତୀ ସାହୁ, ଉମାକାନ୍ତ ବେହେରା, ବ୍ଲକ ଉପସଭାପତି ନିରଞ୍ଜନ ନାୟକ, ଆଶିଷ ମଲ୍ଲିକ, ଲିଜୁନ ନାୟକ ଓ ଗଜେନ୍ଦ୍ର କରଙ୍କ ସମେତ ବହୁ କଂଗ୍ରେସ ସମର୍ଥକ ଯୋଗ ଦେଇଥିଲେ।

## ୧୪୪ ଧାରା ଅଞ୍ଚଳରୁ ଜେସିବି ଜବତ

**ଖୁଣ୍ଟା,୧୨।୧୦(ଦେବରଞ୍ଜନ ବେହେରା)**

ଦୀର୍ଘ ଦିନର ନିରବତା ପରେ ପୁଣି ଖୁଣ୍ଟା ତହସିଲ ଅଧୀନରେ ସକ୍ରୀୟ ହୋଇ ଉଠିଛନ୍ତି ବେଆଇନ ପଥର ଚାଲାଣକାରୀ। ବୁଧବାର ଖୁଣ୍ଟା ତହସିଲ କର୍ତ୍ତୃପକ୍ଷ ଓ ପୋଲିସ ମିଳିତ ଭାବେ ଏକ ବେଆଇନ ମାଙ୍କଡ଼ା ପଥର ଖାଦାନରେ ଚଢ଼ାଉ କରି ଗୋଟିଏ ଜେସିବି ମେଶିନ ଜବତ କରିଛନ୍ତି। ଶିମିଳିପାଳର ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଶିମିଳିପାଳ ପାଦଦେଶରେ ସରକାରୀସ୍ତରରେ କୌଣସି ଖାଦାନ ନିଲାମ କରାଯାଉ ନ ଥିବା ଏବଂ ପୂର୍ବରୁ ଚାଲିଥିବା ବିଭିନ୍ନ ବେଆଇନ ଖାଦାନଗୁଡିକରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ମାତ୍ର ୧୪୪ ଧାରାକୁ ପଥର ଚାଲାଣକାରୀମାନେ ଉଲ୍ଲଙ୍ଘନ କରି କେତେକ ସ୍ଥାନରେ ମାଙ୍କଡ଼ା ପଥର ଉତ୍ତୋଳନ ଜାରି ରଖିଛନ୍ତି। ଏହି ସୂଚନା ପାଇ ଖୁଣ୍ଟା ତହସିଲର ଅତିରିକ୍ତ ତହସିଲଦାର ସୌମ୍ୟରଞ୍ଜନ ବେହେରାଙ୍କ ନେତୃତ୍ୱରେ ଅନ୍ୟ ରାଜସ୍ୱ କର୍ମଚାରୀ ଓ ଖୁଣ୍ଟା ପୋଲିସର ଏକ ଟିମ୍ ବୁଧବାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ୧୪୪ ଧାରା ବଳବତ୍ତର ଥିବା ଜୁରାଡ଼ିହି ଗ୍ରାମରେ ଏକ ଖାଦାନରେ ମାଙ୍କଡ଼ା ପଥର ଉତ୍ତୋଳନ କାର୍ଯ୍ୟରେ ନିୟୋଜିତ ଜେସିବି ମେଶିନକୁ ଜବତ କରି ଥାନାକୁ ଅଣାଯାଇଥିବା ସୂଚନା ମିଳିଛି।

## ଦୋଷୀଙ୍କୁ ୧୦ ବର୍ଷ ଜେଲଦଣ୍ଡ

**ନାବାଳିକାଙ୍କୁ ବଳାତ୍କାର ମାମଲା**

**କେନ୍ଦୁଝର,୧୨।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ସ୍ୱତନ୍ତ୍ର କୋର୍ଟ ବିଚାରପତି ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ଅକ୍ଷୟ ନାୟକ (୩୪)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଜରିମାନା ଓ ଅନାଦାୟ ଅଧିକ ୬ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଶୁଣାଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ପୂର୍ବରୁ ଅକ୍ଷୟ ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିଥିଲେ। ପୀଡ଼ିତା ଅନ୍ତସତ୍ୱା ହେବା ପରେ ବିବାହ କରିବାକୁ ମନା କରିଥିଲେ। ଏ ନେଇ ପୀଡ଼ିତାଙ୍କ ପରିବାର ପାଟଣା ଥାନାରେ ୭ ଡିସେମ୍ବର ୨୦୧୫ରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୬୪/୨୦୧୫)ରୁଜୁ କରି ଅକ୍ଷୟଙ୍କୁ କୋର୍ଟଚାଲାଣ କରିଥିଲା। ୨୨ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟ ଆଧାରରେ ସ୍ୱତନ୍ତ୍ର କୋର୍ଟ ଉକ୍ତ ଦଣ୍ଡାଦେଶ କରିଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା କହିଛନ୍ତି। ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ସହାୟତା ପ୍ରଦାନ ପାଇଁ କୋର୍ଟ ଆଦେଶ କରିଛନ୍ତି।

## ବରୀ ଭାଜପାର ମୋ ଦେଶ, ମୋ ମାଟି କାର୍ଯ୍ୟକ୍ରମ

**ବରୀ,୧୨।୧୦(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ୍ ଭାଜପା ପକ୍ଷରୁ ଗୁରୁବାର ମୋ ଦେଶ, ମୋ ମାଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାଜପା ନେତା ଉମେଶ ଜେନାଙ୍କ ନେତୃତ୍ୱରେ ରତଳାଙ୍ଗ ପଞ୍ଚାୟତର ଦଧିବାବନଜୀଉ ମନ୍ଦିର ନିକଟରେ ପୂଜାର୍ଚ୍ଚନା ପରେ ଦଳୀୟ କର୍ମୀମାନେ ଶୋଭାଯାତ୍ରାରେ ଘରଘର ବୁଲି ମାଟି ସଂଗ୍ରହ କରିଥିଲେ। ଦେଶ ମାତୃକା ପାଇଁ ଶହୀଦ ହୋଇଥିବା ବୀର ଯବାନ ବାମଦେବ ସାମଲଙ୍କ ବାସଭବନରେ ପହଞ୍ଚି ତାଙ୍କ ମା' ଓ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ଏଭଳି ଅମର ଯବାନ ବରୀ ମାଟି ପାଇଁ ସବୁଦିନ ଅବିସ୍ମରଣୀୟ ହୋଇରହିବେ ବୋଲି ଜେନା ମତ ରଖିଥିଲେ। କାର୍ଯ୍ୟକ୍ରମରେ ଭାଜପା କାର୍ଯ୍ୟକାରିଣୀ ସଦସ୍ୟା ବନସ୍ମିତା ଖୁଣ୍ଟିଆ, ରାଜ୍ୟ ଦଳିତ ମୋର୍ଚ୍ଚା ଉପସଭାପତି ରବିନାରାୟଣ ବେହେରା, ଜିଲା ସ୍ୱଚ୍ଛଭାରତ ସଂଯୋଜକ ଡ. ପ୍ରଫୁଲ୍ଲ ଗିରି, ପୂର୍ବତନ ଜିଲା ସଭାପତି ଆଶୁତୋଷ ପରିଡା, ଜିଲା ସାଧାରଣ ସମ୍ପାଦକ ଦିବ୍ୟଭୂଷଣ ମହାନ୍ତି, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ଜେନା, ମଣ୍ଡଳ ସଭାପତି ନିର୍ମଳ କୁମାର ସାମଲ, ମନୋଜ ମହାପାତ୍ର, ସଂଗ୍ରାମ ପଲାଇ, ସୌଭାଗ୍ୟ ଦାସ, ଗୋବର୍ଦ୍ଧନ ରାଉତ, ବଳରାମ ବେହେରା, ସୁଜିତ ମହାନ୍ତି ଓ ପ୍ରତାପ ସାମଲଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।



ମାଟି ସଂଗ୍ରହ କରି ଭାଜପା କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ମିଶନ ଶକ୍ତି ଯୋଜନାରେ ୧୨ ଜଣଙ୍କୁ ସ୍କୁଟର ପ୍ରଦାନ



ମିଶନ ଶକ୍ତି ମହିଳାଙ୍କୁ ସ୍କୁଟର ପ୍ରଦାନ କରାଯାଉଛି।

**ଧର୍ମଶାଳା,୧୨।୧୦(ବଟକୃଷ୍ଣ ପରିଡ଼ା):**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭର୍ଚୁଆଲ ଜରିଆରେ ମିଶନଶକ୍ତି ମହିଳାମାନଙ୍କ ପାଇଁ ସ୍କୁଟର ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହିପରିପ୍ରେକ୍ଷୀରେ ଧର୍ମଶାଳା ବ୍ଲକରେ ପ୍ରଥମ ଦଫାରେ ୧୨ ଜଣ ମିଶନଶକ୍ତି ମହିଳାଙ୍କୁ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସ୍କୁଟର ଚାବି ହସ୍ତାନ୍ତର କରିଛନ୍ତି। ବ୍ଲକରେ ୧୧୮୨ ମିଶନଶକ୍ତି ମହିଳାମାନଙ୍କ ମଧ୍ୟରୁ ୨୭୨ଜଣ ସ୍କୁଟର ପାଇଁ ଅବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୩୭ଜଣଙ୍କ ଅବେଦନ ମଞ୍ଜୁର କରାଯାଇଛି।

ଏନେଇ ବିଡିଓ ବଳ କହିଛନ୍ତି, ମିଶନଶକ୍ତି ମହିଳାଙ୍କୁ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ ପାଇଁ ବ୍ୟବସ୍ଥା ରହିଛି। ୧ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସ୍କୁଟର ନେବାକୁ ଚାହୁଁଥିବା ମହିଳାମାନେ ବାକି ଟଙ୍କା ଦେଇ ସ୍କୁଟର ନେଇ ପାରିବେ। ଏହାର ଶୁଦ୍ଧ ସରକାର ବହନ କରିବେ। ଋଣଗ୍ରହୀତାମାନେ ୪ ବର୍ଷ ମଧ୍ୟରେ ମାସିକ ୨ ହଜାର ୮୪ ଟଙ୍କା ହିସାବରେ ଋଣ ପରିଶୋଧ କରିବେ। ଧର୍ମଶାଳା ୟୁକୋବ୍ୟାଙ୍କ ପକ୍ଷରୁ ଗୋଟିଏ, ଜାରକା ଷ୍ଟେଟ ବ୍ୟାଙ୍କ ପକ୍ଷରୁ ୪, ଜାରକା ଗ୍ରାମ୍ୟବ୍ୟାଙ୍କ ପକ୍ଷରୁ ୪ ଓ କୋତପୁର ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ୩ ସ୍କୁଟର ପାଇଁ ଋଣ ପ୍ରଦାନ କରାଯାଇଥିବା ବିଡିଓ ସୂଚନା ଦେଇଛନ୍ତି। ବ୍ଲକ ପରିସରରେ ଅନୁଷ୍ଠିତ ସ୍କୁଟର ପ୍ରଦାନ କାର୍ଯ୍ୟକ୍ରମରେ ମିଶନଶକ୍ତି ବ୍ଲକ ସଂଯୋଜକ ନିର୍ମଳ କୁମାର ଦାସ, ବ୍ଲକ ପ୍ରୋଜେକ୍ଟ ପରିଚାଳକ ସସ୍ମିତା ମହାପାତ୍ର ଓ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

**ତିଲଙ୍ଗରେ ଜନସେବା କେନ୍ଦ୍ର ଉଦ୍‌ଘାଟିତ**

ଡେରାବିଶ, ୧୨।୧୦(ବେବର୍ତ୍ତା ଅଜୟ ଦାସ) : ଡେରାବିଶ ବ୍ଲକ ନରସିଂହପୁର ପଞ୍ଚାୟତ ତିଲଙ୍ଗଠାରେ ମା' ମଙ୍ଗଳା ପ୍ରତ୍ୟୁସର୍ସ ଗ୍ରୁପ୍ ପକ୍ଷରୁ ଗୁରୁବାର ଏକ ଜନସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସରପଞ୍ଚ ସୁଧୀର କୁମାର ଖଟୁଆ, ପ୍ରତ୍ୟୁସର୍ସ ଗ୍ରୁପ୍‌ର ସଭାନେତ୍ରୀ ବିମଳା ନାୟକ ଓ ସମ୍ପାଦିକା କୌଶଲ୍ୟା ଖଟୁଆ ଉପସ୍ଥିତ ଥିଲେ। ଏହି ଜନସେବା କେନ୍ଦ୍ର ଖୋଲା ହେବା ଦ୍ୱାରା ନରସିଂହପୁର ପଞ୍ଚାୟତର ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ସମାଧାନ ହୋଇପାରିବ ବୋଲି ସଭାନେତ୍ରୀ କହିଛନ୍ତି। ଗ୍ରୁପ୍‌ର ସମସ୍ତ ମହିଳା ସଦସ୍ୟା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଡେରାବିଶ, ୧୨।୧୦(ବେବର୍ତ୍ତା ଅଜୟ ଦାସ):** ଡେରାବିଶ ବ୍ଲକ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାର ଭଣଗାଁ ଛକ ନିକଟରେ ଗୁରୁବାର ସକାଳେ ଏକ ପିକ୍‌ଅପ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସୂଚନାରୁ ପ୍ରକାଶ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପାଣିଓଳା ଗାଁର ପ୍ରଶାନ୍ତ ମଳିକ(୩୫) କଟକ-ଚାନ୍ଦବାଲି ରାଜରାସ୍ତାର ଭଣଗାଁ ଛକ ନିକଟରେ ଚାଲି ଚାଲି ଯାଉଥିବା ବେଳେ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ପିକ୍‌ଅପ୍ ଭ୍ୟାନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ପ୍ରଶାନ୍ତ ରାସ୍ତା ଉପରେ ଛିଟିକି ପଡ଼ି ସଂଜ୍ଞାହୀନ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ପହଞ୍ଚି କଟକ ବଡ଼ ମେଡ଼ିକାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ପରିବାରର ଏକମାତ୍ର ରୋଜଗାରକ୍ଷମ ପ୍ରଶାନ୍ତଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ ଦୁଇ ଝିଅପୁଅ ବେସାହରା ହୋଇପଡ଼ିଛନ୍ତି।

### ରାଜନଗରରେ ନୂତନ ତହସିଲଦାରଙ୍କ ଯୋଗଦାନ

**ରାଜନଗର, ୧୨।୧୦(ଭାସ୍କର ରାଉତରାୟ) :** ରାଜନଗର ତହସିଲରେ ନୂତନ ତହସିଲଦାର ଭାବେ ଅଜୟ କୁମାର ମହାନ୍ତି ଯୋଗ ଦେଇଛନ୍ତି। ପୂର୍ବରୁ ତହସିଲଦାର ଥିବା ଅଶ୍ୱିନୀ କୁମାର ଭୂୟାଁଙ୍କଠାରୁ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ତହସିଲଦାର ଜେନା ପୂର୍ବରୁ ଖୋର୍ଦ୍ଧାରୋଡ-ବଲାଙ୍ଗିର ନିୟୁ ବିଜ ରେଳ ଲିଙ୍କ ପ୍ରୋଜେକ୍ଟରେ ଏଲଏନ ଜୋନ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ପୂର୍ବତନ ତହସିଲଦାର ଭୂୟାଁ ଏଠାରୁ ବଦଳି ହୋଇ ଚାନ୍ଦବାଲି ତହସିଲକୁ ତହସିଲଦାର ଭାବେ ବଦଳି ହୋଇଛି। ନୂତନ ତହସିଲଦାର ମହାନ୍ତ ତହସିଲ କାର୍ଯ୍ୟାଳୟରେ ପହଞ୍ଚିବା ପରେ ପୂର୍ବତନ ତହସିଲଦାର ଭୂୟାଁଙ୍କ ସମେତ ଅତିରିକ୍ତ ତହସିଲଦାର ସବନ କୁମାର ଭୋଳ, ସୁପରଭାଇଜର ବୈଷ୍ଣବ ଦ୍ୱିବେଦୀ, ଶିବ ପ୍ରସାଦ ଚାଟାର୍ଜି, ସବ୍‌ରେଜିଷ୍ଟ୍ରାର କିରାଣି ବସନ୍ତୀ କୁମାର ସାହୁ, ପରେଶ କୁମାର ମଲ୍ଲିକଙ୍କ ସମେତ ସମସ୍ତ କର୍ମଚାରୀମାନେ ସ୍ୱାଗତ କରିଥିଲେ।

### ହୃଦ୍‌ଘାତରେ ଖବରଦାତା ସୁରେନ୍ଦ୍ର ରାଉତଙ୍କ ବିୟୋଗ

**ପଟ୍ଟାମୁଣ୍ଡାଇ,୧୨।୧୦(ଅକ୍ଷୟ ବିଶ୍ୱାଳ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ବରିଷ୍ଠ ଖବରଦାତା ସୁରେନ୍ଦ୍ର କୁମାର ରାଉତ(୬୭)ଙ୍କ ହୃଦ୍‌ଘାତରେ ମଙ୍ଗଳବାର ରାତିରେ ଅକାଳ ମୃତ୍ୟୁ ହୋଇଯାଇଛି। ସେ ଜଣେ ମେଳାପି, ଆଦରଣୀୟ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ସମଗ୍ର ପଟ୍ଟାମୁଣ୍ଡାଇରେ ଶୋକର ଛାୟା ଖେଳି ଯାଇଛି। ଖବରଦାତା ସୁରେନ୍ଦ୍ରଙ୍କ ବିୟୋଗରେ ଏସ୍‌ୟୁଜେ ସାମ୍ବାଦିକ ସଂଘ ପଟ୍ଟାମୁଣ୍ଡାଇ ଶାଖାର ସଭାପତି ସୁଧାଂଶୁ ଭୂଷଣ ତ୍ରିପାଠୀଙ୍କ ସଭାପତିତ୍ୱରେ ସ୍ଥାନୀୟ ରାମମନ୍ଦିରଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ସଭାରେ ସଂଘର କର୍ମକର୍ତ୍ତାଙ୍କ ସହ ସଭ୍ୟମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବରିଷ୍ଠ ଖବରଦାତା ଅଲେଖ ନାଥଶର୍ମା, ବ୍ରଜବନ୍ଧୁ ଦାଶ, ସଞ୍ଜୟ କୁମାର ପଣ୍ଡା, ପ୍ରତାପ ଚନ୍ଦ୍ର ପାଢୀ, ଶିଶିର କୁମାର ସେଣ, ନରେନ୍ଦ୍ର କୁମାର ଧଳ, ଧୀରେନ୍ଦ୍ର କୁମାର ମଲ୍ଲିକ, କୁମାରେଶ ନାୟକ, ପ୍ରଦୋଷ କୁମାର ବିଶ୍ୱାଳ, ସୂର୍ଯ୍ୟ ନାରାୟଣ ଦାଶ, ଉପେନ୍ଦ୍ର କୁମାର ନାୟକ, ଭାଗୀରଥି ବିଶ୍ୱାଳ, ନଳୀନ କାନ୍ତ ସ୍ୱାଇଁ ପ୍ରମୁଖ ରାଉତଙ୍କ ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ରାଉତଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ରାଉତଙ୍କ ପରିବାରର ଏହି ଦୁର୍ଦ୍ଦିନ ସମୟରେ ସଂଘ ସହଯୋଗ କରିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ରାଉତଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସଭା ପକ୍ଷରୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଛି। ଶେଷରେ ଧୀରେନ୍ଦ୍ର ମଲିକ ଧନ୍ୟବାଦ ଦେଇଥିଲେ।

# ପଟ୍ଟାମୁଣ୍ଡାଇ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ

**ପଟ୍ଟାମୁଣ୍ଡାଇ,୧୨।୧୦(କଳ୍ପତରୁ ନାୟକ)**

- ଲୋକାଭିମୁଖୀ ଯୋଜନା ହେଉନି କାର୍ଯ୍ୟକାରୀ
- ଅଭିଯୋଗ କରିବାକୁ ଆସି ଲୋକେ ନିରାଶରେ ଫେରୁଛନ୍ତି



ସରକାର ପ୍ରଶାସନକୁ ଲୋକାଭିମୁଖୀ କରି ଲୋକମାନଙ୍କ ହିତରେ ବହୁ ଯୋଜନା ପ୍ରଣୟନ କରିଚାଲିଛନ୍ତି। ମାତ୍ର ଏହା ବାସ୍ତବରେ ତଳସ୍ତରରେ କେତେଦୂର କାର୍ଯ୍ୟକାରୀ ହେଉଛି ଏବଂ ଲୋକମାନେ କେତେ ସୁଫଳ ପାଉଛନ୍ତି ତାହାର ଅନୁଧ୍ୟାନ କରାଯାଉନାହିଁ। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକର ପ୍ରତ୍ୟେକ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଯୋଗୁ ସରକାରୀ ଯୋଜନା କାର୍ଯ୍ୟକାରୀ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି ହେଉଛି।

ପଟ୍ଟାମୁଣ୍ଡାଇ ବ୍ଲକରେ ବିଭିନ୍ନ ପଦବୀ ଖାଲିପଡ଼ିଥିବାରୁ ଲୋକେ ବହୁଦୂରରୁ ଅଯଥା ଖର୍ଚ୍ଚାନ୍ତ ହୋଇ ଆସି କୌଣସି କାର୍ଯ୍ୟ କରି ନ ପାରି ନିରାଶ ହୋଇ ଫେରିବାକୁ ବାଧ୍ୟ ହେଉଛନ୍ତି। ବ୍ଲକରେ ଜଣେ ପ୍ରୋଗ୍ରେସିଭ ଆସିଷ୍ଟାଣ୍ଟ, ୨ଜଣ ଜେଇ, ଜଣେ ଗ୍ରାମ ପଞ୍ଚାୟତ ଅଫିସର (ଜିପିଓ), ଜଣେ ବିଏସ୍‌ଏସ୍‌ଓ, ୧୧ଜଣ ପଞ୍ଚାୟତ ଅଫିସର, ୨ ଜୁନିୟର କିରାଣି ପଦବୀ ଦୀର୍ଘବର୍ଷ ହେବ ଖାଲିପଡ଼ିଛି। ସେହିପରି ୩ ପିଅନ ପଦବୀ ଖାଲିପଡିଛି। ଫଳରେ ବୃଦ୍ଧାବୃଦ୍ଧମାନେ ସେମାନଙ୍କ ଭତ୍ତା ପାଇଁ ଆସି ହଇରାଣ ହେଉଛନ୍ତି। ବହୁ ପଞ୍ଚାୟତରେ ଯୋଗାଣ ସହାୟକ ଏବଂ ଜିଆରଏସ୍ ପଦବୀ ଖାଲି ପଡ଼ିଛି। ପଟ୍ଟାମୁଣ୍ଡାଇ ତହସିଲରେ ତହସିଲଦାରଙ୍କ ପଦବୀ ଖାଲି ପଡ଼ିଥିବାବେଳେ ୮ କିରାଣି, ୪ ଆର୍‌ଆଇ, ୭ ଏଆର୍‌ଆଇ ଓ ୪ ଅମିନ ପଦବୀ ଖାଲିପଡ଼ିଛି। କାର୍ଯ୍ୟରତ କେତେଜଣ ଅଧିକାରୀ ପଟ୍ଟାମୁଣ୍ଡାଇ ତହସିଲରେ ନିଯୁକ୍ତି ପାଇଥିବାବେଳେ ଅନ୍ୟ ତହସିଲ ଦାୟିତ୍ୱରେ ରହିଛନ୍ତି। ଫଳରେ ସେମାନେ ଅନ୍ୟ ତହସିଲରେ ଥିବା ଆଳ ଦେଖାଇ ନିୟମିତ ଏଠାକୁ ଆସୁନାହାନ୍ତି। ମାତ୍ର ଅତିରିକ୍ତ ତହସିଲଦାର ତହସିଲ କାର୍ଯ୍ୟ କରୁଥିବାବେଳେ ଅମିନ ଏବଂ ଡିଇଓମାନଙ୍କୁ ବିଭିନ୍ନ ବିଭାଗର ଦାୟିତ୍ୱ ଦେଇଥିବା ଦେଖିବାକୁ ମିଳିଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବା ଯୋଗୁ ଆଇନଶୃଙ୍ଖଳା କ୍ଷେତ୍ରରେ ଅସୁବିଧା ଦେଖାଦେଉଛି। ଏହି ଥାନା ଅଧୀନରେ ଥିବା ଚଉଦକୁଳାଟ ଫାଣ୍ଡିରେ କର୍ମଚାରୀ ଅଭାବ ରହିଛି। ଗ୍ରାମାଞ୍ଚଳ ଥାନା ଅଧୀନରେ ଅଧିକ ଗ୍ରାମ ଥିବା ଯୋଗୁ ଏବଂ ଏରିଆ ବହୁତ ବଡ଼ ହୋଇଥିବାରୁ କର୍ମଚାରୀ ଅଭାବରେ କାମ କରିବା ସମ୍ଭବ ହେଉନାହିଁ। କୃଷି କାର୍ଯ୍ୟାଳୟରେ ବହୁ ଭିଏଲ୍‌ଡବ୍ଲୁ ପଦବୀ ଖାଲି ପଡ଼ିଛି। ଫଳରେ କର୍ମଚାରୀ ଅଭାବରେ କୃଷିକାର୍ଯ୍ୟ ବ୍ୟାହତ ହେଉଛି। ସେହିପରି ଗ୍ରାମ୍ୟ ଜଳଯୋଗାଣ ବିଭାଗରେ ଆଗରୁ ୨ଜଣ ଯନ୍ତ୍ରୀ ଥିବା ବେଳେ ଏବେ ଜଣେ ଯନ୍ତ୍ରୀ ୩୧ ପଞ୍ଚାୟତ ଦାୟିତ୍ୱରେ ଅଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗରେ କନିଷ୍ଠ ଯନ୍ତ୍ରୀ ପଦବୀ ଖାଲିପଡିଥିବା ବେଳେ ରାଜନଗର କନିଷ୍ଠ ଯନ୍ତ୍ରୀ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। କ୍ଷୁଦ୍ର ଜଳସେଚନ ବିଭାଗର କଥା ନ କହିବା ଭଲ। ପୂର୍ତ୍ତ ବିଭାଗରେ କନିଷ୍ଠ ଯନ୍ତ୍ରୀ ନ ଥିବାବେଳେ ଆଳି କନିଷ୍ଠ ଯନ୍ତ୍ରୀ ଦାୟିତ୍ୱରେ ଅଛନ୍ତି। ତଳସ୍ତର କର୍ମଚାରୀ ନ ଥିବା ଯୋଗୁ ଉକ୍ତ ବିଭାଗରେ ଥିବା ଖଲାସି କାର୍ଯ୍ୟାଳୟରେ ସମସ୍ତ ଏଷ୍ଟିମେଟ୍ ଓ ଏଗ୍ରିମେଣ୍ଟ କାମ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଅଗ୍ନିଶମ କାର୍ଯ୍ୟାଳୟରେ ନିଯୁକ୍ତି ଅନୁସାରେ କର୍ମଚାରୀ ନ ଥିବା ବେଳେ ଅବକାରୀ ବିଭାଗ ସ୍ଥାଣୁ ଅବସ୍ଥାରେ ପଡ଼ିଛି। ସେହିପରି ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନାରେ ବହୁ ଡାକ୍ତର ପଦବୀ ଖାଲିପଡିଛି। ଏତଦ୍ ବ୍ୟତୀତ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା ଡାକ୍ତରଖାନାରେ କେଉଁଠି ଡାକ୍ତର ନାହାନ୍ତି ତ କେଉଁଠାରେ ଫାର୍ମାସିଷ୍ଟ, ଷ୍ଟାଫ୍‌ନର୍ସ କିମ୍ବା ଆଟେଣ୍ଡାଣ୍ଟ ନାହାନ୍ତି। ସେହିପରି ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିରେ ଜଣେ ୱାର୍କ ସରକାର, ଜଣେ କମ୍ୟୁନିଟି ଅର୍ଗାନାଇଜର, ଖଲାସି ୪ଜଣ ଓ ୨ ଟିସି ପଦବୀ ଖାଲିପଡିଛି। ଅନ୍ୟପକ୍ଷରେ ଯେଉଁ କେତେକ ହାତଗଣତି କର୍ମଚାରୀଙ୍କୁ ନେଇ କାର୍ଯ୍ୟାଳୟଗୁଡିକ ଚାଲିଛି ସେମାନେ ମିଟିଂ, ଭିସି ଏବଂ ଫିଲ୍‌ଡ ପରିଦର୍ଶନଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଫଳରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବିଡିଓ ଶୁଭ୍ରାଂଶୁ ସାହୁଙ୍କୁ ପଚାରିବାରେ ଉପରିସ୍ଥ ଅଧିକାରୀଙ୍କୁ ବ୍ଲକ ଅଞ୍ଚଳର ବିଭିନ୍ନ ବିଭାଗରେ ପଦବୀ ଖାଲିପଡ଼ିଥିବା ନେଇ ଜଣାଇଛି ବୋଲି କହିଛନ୍ତି।

## କୋଦାନଗରୀ ଥାନା ଅଞ୍ଚଳରେ ସାଇବର କ୍ରାଇମ ସଚେତନତା




ଲୋକନାଥ ମହାବିଦ୍ୟାଳୟ ପରିସରରେ ସାଇବର ସଚେତନତା ଶିବିରରେ ଅତିଥି ବୃନ୍ଦ।

**ପାଟକୁରା,୧୨।୧୦(ରବୀନ୍ଦ୍ର ନାଥ ବାରିକ)**

କେନ୍ଦ୍ରାପଡ଼ା ଜିଲା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପାଟକୁରା ନିର୍ବାଚନ ମଣ୍ଡଳୀ କୁଦାନଗରୀ ପୋଲିସ ଆନୁକୂଲ୍ୟରେ ସାଇବର କ୍ରାଇମ ସଚେତନତା ଶିବିର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ବ୍ୟାଙ୍କ ନାଁରେ ଫେକ କଲ ଆସିବା ମୋବାଇଲରୁ ଅନ୍‌ଲାଇନ ଠକେଇ ହେବା ସାଙ୍ଗକୁ ଫେସ୍‌ବୁକ୍‌ରେ ବନ୍ଧୁତ୍ୱ କରି ବ୍ଲାକମେଲ କରିବା ଭଳି ସଙ୍ଗୀନ ଅପରାଧକୁ ରୋକିବା ପାଇଁ ସଚେତନତା କରାଯାଇଥିଲା। ପ୍ରଥମେ ସାଇବର ରଥ କଳାବୁଦା ବାରୁଣୀ ଛକରେ ପହଞ୍ଚିଲା ପରେ ସେଠାରେ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ସଂକୀର୍ତ୍ତନ ମଣ୍ଡଳୀ ଓ ମହିଳାମାନେ ବନ୍ଦାପନା କରି ରଥକୁ ସ୍ୱାଗତ କରିଥିଲେ। ପରେ ତଳକୁସୁମା, ତେଣ୍ଡାକୁଡ଼ା ପ୍ରଭୃତି ଗ୍ରାମ ପରିକ୍ରମା କରିବା ପରେ କୋରୁଆ ଲୋକନାଥ ମହାବିଦ୍ୟାଳୟରେ ପହଞ୍ଚି ଥିଲା। ସେଠାରେ ଏକ ସତଚତନତା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ସାଇବର ଏକ୍ସପର୍ଟ ସମେତ କେନ୍ଦ୍ରାପଡ଼ା ଡିଏସ୍‌ପି ଜ୍ୟୋତି ରଞ୍ଜନ ସାମନ୍ତରାୟ ଓ କୁଦାନଗରୀ ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ,ଅଧ୍ୟାପକ କ୍ଷୀରୋଦ ପ୍ରସାଦ ନାୟକ, ଅଧ୍ୟାପକ ରମାକାନ୍ତ ପାଣି ପ୍ରମୁଖ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ସାଇବର ଠକ୍‌ମାନେ ସାଧାରଣ ଲୋକଙ୍କୁ କିଭଳି ଠକୁଛନ୍ତି ପ୍ରଶିକ୍ଷଣ ଦେଇଥିଲେ। ରାତିରେ ଘୋଡ଼ା ନାଚ ମାଧ୍ୟମରେ ଲୋକ ମାନଙ୍କୁ ସଚେତନ କରିଥିଲେ। ଏଥିରେ କୁଦାନଗରୀ ଥାନା ଅଞ୍ଚଳର ସାଧାରଣଜନତା ଯୋଗ ଦେଇଥିଲେ।

## ଯୁକ୍ତ ୨, ଯୁକ୍ତ ୩ ପିଲାଙ୍କ ମଧ୍ୟରେ ଗଣ୍ଡଗୋଳ

- ପଟ୍ଟାମୁଣ୍ଡାଇ କଲେଜ
- ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତେଜନା,
- ପୋଲିସ ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ

**ପଟ୍ଟାମୁଣ୍ଡାଇ,୧୨।୧୦(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ କଲେଜରେ ଗୁରୁବାର ଯୁକ୍ତ ୨ ଓ ଯୁକ୍ତ ୩ ପିଲାଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ଖବରପାଇ ପଟ୍ଟାମୁଣ୍ଡାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ହସ୍ତକ୍ଷେପ କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଛି।

ପଟ୍ଟାମୁଣ୍ଡାଇ କଲେଜରେ ଯୁକ୍ତ ୩ ଶ୍ରେଣୀରେ ପଢୁଥିବା ରାଜକନିକା ଅଞ୍ଚଳର ଜଣେ ଛାତ୍ରଙ୍କୁ ସେହି କଲେଜରେ ଯୁକ୍ତ୨ ଶ୍ରେଣୀରେ ପଢୁଥିବା ପଟ୍ଟାମୁଣ୍ଡାଇ ନୂଆଗାଁ କାକୁଡିପଲ୍ଲୀ ଅଞ୍ଚଳର ଜଣେ ଛାତ୍ର କଲେଜ ପଛ ଗେଟ ନିକଟରେ ବଚସାକୁ ନେଇ ହଠାତ ଆକ୍ରମଣ କରିଥିଲେ। ଏଥିରେ ଯୁକ୍ତ ଛାତ୍ର ଜଣକ ଆହତ ହୋଇଥିଲେ। ଖବରପାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ରୁଣ୍ଡ ହୋଇଥିବା ପିଲାମାନଙ୍କୁ ଚାଲିଯିବାକୁ କହିବା ସହ ଆହତ ଯୁକ୍ତ ୩ ଛାତ୍ରଙ୍କୁ କାର୍ଯ୍ୟାଳୟକୁ ଆସିବାକୁ କହିଥିଲେ। ମାତ୍ର ଆହତ ଛାତ୍ର କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ନ ଆସି ଘଟଣା ସମ୍ପର୍କରେ ତାଙ୍କ ସାଙ୍ଗମାନଙ୍କୁ ଜଣାଇବା ପରେ ଯୁକ୍ତ ୩ ପିଲାମାନେ ଯୁକ୍ତ ୨ ପିଲାମାନଙ୍କ ସହ ଗଣ୍ଡଗୋଳ ପାଇଁ ପ୍ରସ୍ତୁତ ହେଉଥିଲେ। ଏହା ଦେଖି ଯୁକ୍ତ ୨ ପିଲାମାନେ ମଧ୍ୟ ପ୍ରସ୍ତୁତ ହେବାରୁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ନେଇ କଲେଜ ଅଧ୍ୟକ୍ଷ ଭୂୟାଁ ପଟ୍ଟାମୁଣ୍ଡାଇ ଥାନାକୁ ଜଣାଇଥିଲେ। ଖବରପାଇ ଆଇଆଇସି ରଞ୍ଜିତ ମହାନ୍ତି ପୋଲିସ ବାହିନୀ ସହ ଘଟଣାସ୍ଥଳରେ ପହଞ୍ଚି ପିଲାମାନଙ୍କୁ ବୁଝାଶୁଝା କରିବା ସହ ଏଥିରେ ହସ୍ତକ୍ଷେପ କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

## ଥାନପତି କାର୍ତ୍ତିକେଶ୍ୱର ପୂଜା କମିଟିର ବୈଠକ

**କେନ୍ଦ୍ରାପଡା, ୧୨।୧୦ (ଜଗନ୍ନାଥ ଧଳ)**

ନଭେମ୍ବର ୨୨ ତାରିଖରେ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହେବ। ଏଥି ଉପଲକ୍ଷେ ଇଚ୍ଛାପୁରସ୍ଥ ଥାନପତି ପୂଜା କମିଟିର ପ୍ରସ୍ତୁତି ବୈଠକ ସ୍ଥାନୀୟ ଶ୍ୟାମାକାଳୀ ମଣ୍ଡପରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଅକ୍ଷୟ କୁମାର ମେକାପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂଜାବିଧି ସମ୍ପର୍ଣ୍ଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ଭସାଣି ଉତ୍ସବ ଓ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ କମଳାକାନ୍ତ ବ୍ରହ୍ମଚାରୀ, ସତ୍ୟଜିତ ମେକାପ, ଅଭିଜିତ ବେହେରା, ଅରବିନ୍ଦ ସାହୁ, ଦୀପକ କୁମାର ସାହୁ, କାର୍ତ୍ତିକ ଚନ୍ଦ୍ର ଦାସ, ଦୁର୍ଗା ପ୍ରସାଦ ସେଠୀ ପ୍ରମୁଖ ଯୋଗଦେଇ ଏ ସମ୍ପର୍କରେ ଆଲୋଚନା କରିଥିଲେ। ନଭେମ୍ବର ୨୮ ଓ ୨୯ରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଡିସେମ୍ବର ୧ ଓ ୨ ରେ ୨ଦିନ ଧରି ଭସାଣି ଉତ୍ସବ ହେବ ବୋଲି ଏଠାରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ଓ ଶ୍ରଦ୍ଧାଳୁଙ୍କ ସହଯୋଗ ଲୋଡାଯିବ ବୋଲି ଆଲୋଚନା ହୋଇଥିଲା। ଏହିଅବସରରେ ଚଳିତବର୍ଷ ପାଇଁ କମିଟିର ସଭାପତି ଭାବେ ଅକ୍ଷୟ କୁମାର ମେକାପ ଓ ସମ୍ପାଦକ ଭାବେ କମଳାକାନ୍ତ ବ୍ରହ୍ମଚାରୀଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ସଦସ୍ୟମାନେ ପୂର୍ବତନ ସଭାପତି ସ୍ୱର୍ଗତ ଦିଲୀପ କୁମାର ସାହୁଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ଏହାକୁ ଅବିନାଶ ବ୍ରହ୍ମଚାରୀ ଓ ବୈଦନାଥ ମହାକୁଳ ପରିଚାଳନା କରିଥିଲେ।

## ସୁରଭି ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବ



ସୁରଭି କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**ଆଳି,୧୨।୧୦(ବନମାଳୀ ସେନାପତି)**

ଆଳି ବ୍ଲକ ବଡ଼ଆଙ୍କୋ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାଲକାଟି କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେତାଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ନବକିଶୋର ପରିଡା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ କୁମାର ବେହେରା, ମୁଖ୍ୟ ବକ୍ତା ଭାବେ ସୁକାନ୍ତ କୁମାର ଲେଙ୍କା ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନ କ୍ଷେତ୍ରରେ ବେଶ ସହାୟକ ହେଉଛି। ଏହି ଅବସରରେ ଏହି କ୍ଲଷ୍ଟର ଅଧୀନରେ ଥିବା ପ୍ରାୟ ୧୧ଟି ବିଦ୍ୟାଳୟର ୧୭୦ଜଣ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ ଓ ସାଧାରଣଜ୍ଞାନ ପ୍ରତିଯୋଗିତା କରାଯାଇଥିଲା। ବିଚାରକ ଭାବେ ବରାହ ବିଶ୍ୱାଳ, ସୁଶାନ୍ତ କୁମାର ନାୟକ, ଅକ୍ଷୟ କୁମାର ଦାସ, ଦଶରଥ ମଲିକ, ସୁବାସ ଚନ୍ଦ୍ର ଗାହାଣ କୃତୀ ଛାତ୍ରୀଛାତ୍ର ଚୟନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରଫୁଲ୍ଲ ପରିଡା, ସୁବାସ ମହାନ୍ତି, ପାର୍ବତୀ ଭୂୟାଁ, କାମଦେବ ବେହେରା, ସନ୍ତୋଷ ମଳିକ, ମନୋଜ ସାହୁ, ରୀନା ରଥ, ସୁଶାନ୍ତ ନାୟକ, ସେକ ଆଲିସାନ, ପ୍ରଭାତ ଦାସ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ରତିକାନ୍ତ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସେକ ସମିମ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସିଆରସିସି ସେକ ମୋତିଉଲ୍ଲା ପରିଚାଳନା କରିଥିଲେ।

## ଦାଣ୍ଡିସାହି ହାଇସ୍କୁଲରେ ଶିଶୁ ମହୋତ୍ସବ ସୁରଭି



ସୁରଭି କାର୍ଯ୍ୟକ୍ରମରେ ଅତିଥି ସହ ପିଲାମାନେ।

**ପଟ୍ଟାମୁଣ୍ଡାଇ,୧୨।୧୦(କଳ୍ପତରୁ ନାୟକ)**

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପେଣ୍ଡପାଳ ପଞ୍ଚାୟତ ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲଠାରେ ବନ୍ଦେ ମାତରମ ନୋଡାଲ କ୍ଲଷ୍ଟର ପକ୍ଷରୁ ଶିଶୁ ମହୋତ୍ସବ ସୁରଭି କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜୟହିନ୍ଦ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟ ଓ ସିଆରସିସି କଳାକର ସାହୁଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ପୂର୍ବତନ ଏବିଇଓ ଚନ୍ଦ୍ରଭାନୁ ମଲ୍ଲିକ, ପୂର୍ବତନ ଏବିଇଓ ସନାତନ ତରାଇ, ଅଣ୍ଡରା ହାଇସ୍କୁଲ ପ୍ରଧାନ ଶିକ୍ଷକ ଅମୀର ସେଠୀ, କୂଳସାହି ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୟ ସ୍ୱାଇଁ, ଶିକ୍ଷକ ନେତା ମନୋଜ ସେଠୀ, ପୂର୍ବତନ ଶିକ୍ଷକ ସୁଦର୍ଶନ ପତି, ଶିକ୍ଷାବିତ କାର୍ତ୍ତିକ ରାଉତ, ରମେଶ ଦାଶ, ମାଗୁଣି ସାହୁ, ନାରାୟଣ ମହାପାତ୍ର ଓ ଶିକ୍ଷକନେତା ଅଶୋକ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ଶିଶୁ ମହୋତ୍ସବ ସୁରଭି ସରକାରଙ୍କ ବଳିଷ୍ଠ ପଦକ୍ଷେପ ବୋଲି ମତପ୍ରକାଶ କରିବା ସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକନେତା ଅରୂପାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସିଆରସିସି ସାହୁ ଧନ୍ୟବାଦ ଦେଇଥିଲେ। ଏଥିରେ ବନ୍ଦେ ମାତରମ କ୍ଲଷ୍ଟରର ୧୪ଟି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଚନ୍ଦନ ମହାନ୍ତି, ମନୋରମା ମଲ୍ଲିକ, ସସ୍ମିତା ଜେନା, ପ୍ରଭାକର ନାୟକ ସିଦ୍ଧାର୍ଥ ଶଙ୍କର ବିଶ୍ୱାଳ ଓ ପ୍ରଭାତ ନାୟକ ପରିଚାଳନା କରିଥିଲେ।

## ଚନ୍ଦ୍ରମଉଳି କଲ୍ୟାଣ ମଣ୍ଡପ, ମନ୍ଦିର ନବୀକରଣ ଶିଳାନ୍ୟାସ



**ପଟ୍ଟାମୁଣ୍ଡାଇ,୧୨।୧୦ (କଳ୍ପତରୁ ନାୟକ):** ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳର ଆରାଧ୍ୟ ଦେବତା ଚନ୍ଦନନଗରସ୍ଥ ଚନ୍ଦ୍ରମଉଳି ମହାଦେବଙ୍କ କଲ୍ୟାଣ ମଣ୍ଡପ ଓ ମନ୍ଦିର ନବୀକରଣ କାର୍ଯ୍ୟର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରାୟ ୩୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚନ୍ଦ୍ରମଉଳି କଲ୍ୟାଣ ମଣ୍ଡପ ଓ ୧୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମନ୍ଦିର ନବୀକରଣ କାର୍ଯ୍ୟର ଶିଳାନ୍ୟାସ କରିଥିଲେ। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ସରପଞ୍ଚ ବନୋଜ ସେଠୀ, ସମିତିସଭ୍ୟ ମାନସ ମଲିକ, ପଞ୍ଚାୟତ ବିଜେଡି ସଭାପତି ପୂର୍ଣ୍ଣଚନ୍ଦ୍ର ସିଂହ, ଯୁବ ବିଜେଡି ସଭାପତି ବିଜୟ ନାଥ, ଅରୁଣ ବେହେରା, ସୁଶାନ୍ତ ଦାସ, ଶଶିକାନ୍ତ ପଣ୍ଡା, ଅରୁଣ ଦାସ, ସରୋଜ ପଣ୍ଡା, ହମିଦ ବେହେରା, ପ୍ରତାପ ନାଥ, ନିମାଇଁ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ବିପଦସଙ୍କୁଳ ଅବସ୍ଥାରେ ଚାଲିଛି ବୀରନୀଳକଣ୍ଠପୁର ସ୍ୱାସ୍ଥ୍ୟକେନ୍ଦ୍ର

**ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆଢୁଆଳରେ**



**ଡେରାବିଶ, ୧୨।୧୦(ବେବର୍ତ୍ତା ଅଜୟ ଦାସ)**

ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ଦୂର କରିବାକୁ ଡେରାବିଶ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ବୀରନିଳକଣ୍ଠପୁରଠାରେ ୧୯୯୯ମସିହାରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ବ୍ଲକ ଅଧୀନ ୭ଟି ପଞ୍ଚାୟତର ଅଧିବାସୀ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ। ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ପକ୍କାଗୃହ ନିର୍ମାଣ କରାଯାଇଥିଲା। ଏହି ଗୃହରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷାଠାରୁ ଆରମ୍ଭ କରି ବିଭିନ୍ନ ପରୀକ୍ଷା ପାଇଁ ଲାବୋରେଟୋରି ସହିତ ଅତ୍ୟାଧୁନିକ ଯନ୍ତ୍ରପାତି ପାଇଁ ଗୃହ ରହିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଏମ୍‌ବିବିଏସ୍ ଡାକ୍ତରଙ୍କ ସମେତ ଜଣେ ଆୟୁଷ ଡାକ୍ତର ନିଯୁକ୍ତ ପାଇଛନ୍ତି। ଏଥିସହିତ ଫାର୍ମାସିଷ୍ଟ, ସ୍ୱାସ୍ଥ୍ୟ ସେବିକା ଓ ଅନ୍ୟ କର୍ମଚାରୀମାନେ ମଧ୍ୟ ରହିଛନ୍ତି। ପ୍ରତ୍ୟେକ ଦିନ ୧୫୦ରୁ ଉର୍ଦ୍ଧ୍ୱ ରୋଗୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥାନ୍ତି। ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ରର ଗୃହଟି ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ପିଲାର ବିମ୍‌ରେ ଫାଟ ସୃଷ୍ଟି ହେବା ସହ ଛାତ ଓ କାନ୍ଥରେ ମଧ୍ୟ ଫାଟ ସୃଷ୍ଟି ହୋଇଛି। ଏହାରି ଭିତରେ ଡାକ୍ତର ତାଙ୍କ ପ୍ରକୋଷ୍ଠରେ ବସି ରୋଗୀଙ୍କ ସେବା କରୁଛନ୍ତି। ଏ ବିଷୟରେ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲାପାଳ ଓ ଜଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ବିଭାଗୀୟ କିମ୍ବା ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ନୀଳକଣ୍ଠପୁର ଗ୍ରାମର ନାରାୟଣ ଲେଙ୍କା କହିଛନ୍ତି। ନାରାୟଣଙ୍କ ସୂଚନା ଅନୁଯାୟୀ, ଗୃହଟି ଏବେ ଏଭଳି ବିପଦଜନକ ଅବସ୍ଥାରେ ରହିଛି, ଯେକୌଣସି ମୁହୂର୍ତ୍ତରେ ବି ଅଘଟଣ ଘଟିପାରେ। ସ୍ୱାସ୍ଥ୍ୟକେନ୍ଦ୍ରରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସିବାକୁ ରୋଗୀ,ଡାକ୍ତର ଓ ଅନ୍ୟ କର୍ମଚାରୀ ମଧ୍ୟ ଭୟଭିତ ଅବସ୍ଥାରେ କାର୍ଯ୍ୟ କରୁଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଧର୍ମେନ୍ଦ୍ର କୁମାର ସିଂଙ୍କୁ ପଚାରିବାରେ ବିପଦସଙ୍କୁଳ ଗୃହ ବିଷୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇ ଦିଆଯାଇଛି। ଅପରପକ୍ଷରେ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରୁ ଦିନେ ଦୁଇଦିନ ମଧ୍ୟରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଗୃହକୁ ଯାଞ୍ଚ କରିବା ପାଇଁ ଜଣେ ଇଞ୍ଜିନିୟରଙ୍କୁ ପଠାଇବେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଗର୍ଜନୀରେ ଶିଶୁ ମହୋତ୍ସବ ସୁରଭି

ଓଡ଼ଗାଁ, ୧୨।୧୦(ଆଦର୍ଶ କୁମାର ପଟ୍ଟନାୟକ ): ଓଡ଼ଗାଁ ବ୍ଲକ ଶିକ୍ଷା ବିଭାଗ ଅଧୀନ ଗର୍ଜନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ନାୟକ ଯୋଗଦେଇଥିଲେ । ସମ୍ମାନିତ ଅତିଥିରୂପେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଚିତ୍ତରଞ୍ଜନ ମିଶ୍ର, ଖବରଦାତା ରାମକୃଷ୍ଣ ପରିଡ଼ା,ରାହାସ ବିଦ୍ୟାପୀଠ ସାକେରୀ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ, ବାଉଁଶଗାଡ଼ିଆ ଭୀମସେନ କୃଷି ବିଦ୍ୟାପୀଠ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ମଙ୍ଗରାଜ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବରେ ସିଆରସିସି ତଥା ଶିକ୍ଷାବିତ୍ ଚିତ୍ତରଞ୍ଜନ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବାଉଁଶଗାଡ଼ିଆ କ୍ଲଷ୍ଟର ଅନ୍ତର୍ଗତ ୮ ସ୍କୁଲରୁ ଶତାଧିକ ଛାତ୍ରୀଛାତ୍ର ପ୍ରତିଯୋଗୀ ଭାବେ ଯୋଗଦେଇଥିଲେ। ମହୋତ୍ସବରେ ଛାତ୍ରୀଛାତ୍ରମାନଙ୍କୁ ନେଇ ସଙ୍ଗୀତ, ବକ୍ତୃତା, ବିତର୍କ, ସୃଜନାତ୍ମକ ଲିଖନ, ସାଧାରଣ ଜ୍ଞାନ, ପ୍ରବନ୍ଧ, ଚିତ୍ରାଙ୍କନ,ହସ୍ତାକ୍ଷର ଓ ଶ୍ରୁତଲିଖନ,ଦଳଗତ ନୃତ୍ୟ, ମିଲେଟ୍ ମିଶନ ଅନ୍ତର୍ଗତ ସାଧାରଣ ଜ୍ଞାନ,ବକ୍ତୃତା, ପ୍ରବନ୍ଧ ଆଦି ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପରମାନନ୍ଦ ସ୍ୱାଇଁ ସଂଯୋଜନା କରିଥିଲେ। ଏହି ଅବସରରେ ଓଡ଼ଗାଁ ବ୍ଲକର ସମସ୍ତ ଖବରଦାତାଙ୍କୁ ଉତ୍ତରୀୟ ପ୍ରଦାନ ସହିତ ସମ୍ମାନିତ କରାଯାଇଥିଲା ।

### ସାପ କାମୁଡ଼ାରେ ଜଣେ ମୃତ ଅଭିଯୋଗ

ଓଡ଼ଗାଁ, ୧୨।୧୦(ଆଦର୍ଶ କୁମାର ପଟ୍ଟନାୟକ ): ଓଡ଼ଗାଁ ଥାନା ଅନ୍ତର୍ଗତ ସାକେରି ଗାଁର କୃପାସିନ୍ଧୁ ପ୍ରଧାନ(୫୫)ଙ୍କ ସାପକାମୁଡାରେ ମୃତ୍ୟୁ ହୋଇଥିବା ନେଇ ପୁଅ କାହ୍ନା ଅଭିଯୋଗ କରିଛନ୍ତି। ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରିଛି। ହେଲେ ରାତି ହୋଇଯିବାରୁ ଶୁକ୍ରବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। କୃପାସିନ୍ଧୁ ଗୁରୁବାର ପୂର୍ବାହ୍ନ ୯ ବେଳେ ଦା'ନେଇ ବିଲକୁ ଘାସ କାଟିବାକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ କୃପାସିନ୍ଧୁଙ୍କୁ ଖୋଜିବାକୁ ବିଲ ଆଡ଼େ ଯାଇଥିଲେ। ବିଲରେ କୃପାସିନ୍ଧୁଙ୍କୁ ଅଚେତ ଅବସ୍ଥାରେ ଦେଖି ସାପ କାମୁଡ଼ା କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରି ଓଡ଼ଗାଁ ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହେଲେ ମୃତ ଶରୀରର ଗୋଡ଼ ହାତର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଦେଖିବାକୁ ମିଳିଥିବା ବେଳେ ସାପ କାମୁଡା କାରଣରୁ ମୃତ୍ୟୁହୋଇଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ଅନ୍ୟପକ୍ଷେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ପୁରୁଣା କ୍ୱାର୍ଟର୍ସରେ ୭ ଲକ୍ଷ ଖର୍ଚ୍ଚ ପରେ ବିପଦସଙ୍କୁଳ ଘୋଷଣା

ନୟାଗଡ଼,୧୨।୧୦(ଲୋକନାଥ ମିଶ୍ର):


ଡିଏଫ୍‌ଓଙ୍କ ପୁରୁଣା କ୍ୱାର୍ଟର୍ସ ।

- ଡିଏଫ୍‌ଓ କ୍ୱାର୍ଟର୍ସ ନିର୍ମାଣରେ ଦୁର୍ନୀତି ପ୍ରସଙ୍ଗ
- ରାଜସ୍ୱ ବିଭାଗର ଅନୁମତି ନ ନେଇ ହୋଇଥିଲା ନିର୍ମାଣ

ନୟାଗଡ଼ ଡିଏଫ୍‌ଓଙ୍କ କ୍ୱାର୍ଟର୍ସ ନିର୍ମାଣରେ ଦୁର୍ନୀତି ଅଭିଯୋଗ ଆସିବା ପରେ ଧିରେ ଧିରେ ଗୁମର ଫିଟୁଛି । ଡିଏଫ୍‌ଓଙ୍କ ପୁରୁଣା କ୍ୱାର୍ଟର୍ସରେ ୨୦୨୦-୨୧ ଆର୍ଥିକ ବର୍ଷରେ ୭ ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ କିପରି ବିପଦସଙ୍କୁଳ ଘୋଷଣା କରାଯାଇଛି ତାହା ସନ୍ଦେହ ଘେରକୁ ଆସିଛି । ୨୦୨୦-୨୧ ଆର୍ଥିକ ବର୍ଷରେ ଡିଏଫ୍‌ଓଙ୍କ ପୁରୁଣା କ୍ୱାର୍ଟର୍ସରେ ୭ ଲକ୍ଷ ଖର୍ଚ୍ଚ ହୋଇଥିବା ଆରଟିଆଇ ତଥ୍ୟରୁ ସୂଚନା ମିଳିଛି । ସେହିପରି ରାଜସ୍ୱ ବିଭାଗର ଅନୁମତି ନ ନେଇ ଡିଏଫ୍‌ଓଙ୍କ ନୂଆ କ୍ୱାର୍ଟର୍ସ ଡିଆରଡିଏ ରୋଡର ନର୍ସରୀରେ ନିର୍ମାଣ ହୋଇଛି ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି। ନର୍ସରୀ ବନବିଭାଗର ରେକର୍ଡରେ ନାହିଁ। ଏହି ସ୍ଥାନରେ ନର୍ସରୀ କାମଚଳା ଭାବେ ଚାଲିଥିଲା ବୋଲି କୁହାଯାଉଛି । ତେବେ କ୍ୱାର୍ଟର୍ସ ନିର୍ମାଣ ହେବାବେଳେ ରାଜସ୍ୱ ବିଭାଗର ଅନୁମତି ନେବାର ନିୟମ ରହିଛି। ତେବେ ସରକାରୀ ନିୟମକୁ ଅଣଦେଖା କରି କ୍ୱାର୍ଟର୍ସ ନିର୍ମାଣ ହୋଇଥିବା ଅଭିଯୋଗ ଉଠିଛି। ନର୍ସରୀଟି ଖାତା ନଂ.୧୨୫୯, ପ୍ଲଟ ନଂ.୫୮୫ରେ ଆବାସ ଯୋଗ୍ୟ ଅନାବାଦି ପତିତ ଜମିରେ ୫୧ ଡେସିମିଲରେ ଗଢ଼ି ଉଠିଥିଲା । ସଂପୃକ୍ତ ଜମି ଉପରେ ଏବେ ଡିଏଫଓଙ୍କ ନୂଆ କ୍ୱାର୍ଟର୍ସ ଅଛି । ଘଟଣା ସମ୍ପର୍କରେ ନୟାଗଡ ତହସିଲଦାର ରାଜେଶ ସ୍ୱାଇଁ କୁହନ୍ତି, ମୁଁ ନୂଆକରି କାର୍ଯ୍ୟରେ ଯୋଗ ଦେଇଛି । ରାଜସ୍ୱ ବିଭାଗର ଅନୁମତି ନେଇ ବନବିଭାଗ କ୍ୱାର୍ଟର୍ସ ନିର୍ମାଣ କରିଛି କି ନାଁ ଯାଞ୍ଚ ପରେ ଜଣାଇବି ବୋଲି କହିଛନ୍ତି । ଅଭିଯୋଗ ଅନୁସାରେ ଡିଏଫ୍‌ଓ କ୍ୱାର୍ଟର୍ସ ଭଲ ଥିବାବେଳେ ତାକୁ ପରିତ୍ୟକ୍ତ ଘୋଷଣା କରାଯାଇଛି । କ୍ୱାର୍ଟର୍ସ ପରିତ୍ୟକ୍ତ ଘୋଷଣା ହେବା ପରେ ନର୍ସରୀ ସ୍ଥାନରେ ୫୫ ଲକ୍ଷ ବିନିଯୋଗ କରାଯାଇ ନୂଆ କ୍ୱାର୍ଟର୍ସ ନିର୍ମାଣ କରାଯାଇଛି । ପୁରୁଣା କ୍ୱାର୍ଟର୍ସ ଯଦି ପରିତ୍ୟକ୍ତ ହେଲା ତେବେ ତାକୁ ଭାଙ୍ଗି ନୂଆ କରିବାରେ ଅସୁବିଧା ନ ଥିଲା । ତେବେ ନର୍ସରୀକୁ ସ୍ଥାନାନ୍ତରିତ କରାଇ ନୂଆ କ୍ୱାର୍ଟର୍ସ ନିର୍ମାଣ ପରେ ପ୍ରଶ୍ନ ଉଠିଛି । ପୁଣି ନୂଆ କ୍ୱାର୍ଟର୍ସରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇ ଥିବାବେଳେ ଟେଣ୍ଡର ହୋଇନି । ସରକାରୀ ନିୟମ ରହିଛି ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କାମ ହେଲେ ଟେଣ୍ଡର କରାଯିବା ବାଧ୍ୟତାମୂଳକ। ତେବେ ଡିଏଫ୍‌ଓଙ୍କ ନୂଆ କ୍ୱାର୍ଟର୍ସ ନିର୍ମାଣ ପାଇଁ ସରକାରୀ ନୀତି ନିୟମକୁ ଶୀତଳଭଣ୍ଡାରକୁ ଫୋପାଡି ଦିଆଯାଇଛି ବୋଲି ଅଭିଯୋଗ ରହିଛି ।

# ମିଳିତ ଆକ୍ରମଣରେ ଜଣେ ଗୁରୁତର

## ଲାଉସେଣାରେ ଉତ୍ତେଜନା, ଜଣେ ଗିରଫ
## ସରପଞ୍ଚଙ୍କ ସମେତ ୩ ଜଣଙ୍କ ନାଁରେ ମାମଲା

ନୟାଗଡ଼,୧୧।୧୦(ଲୋକନାଥ ମିଶ୍ର):

ନୟାଗଡ଼ ସଦର ଥାନା ରାଜପାଟଣା ଛକରେ ବୁଧବାର ରାତି ପ୍ରାୟ ୧୦ଟାରେ ମିଳିତ ଆକ୍ରମଣରେ ନାଉସେଣା ଗାଁର ଭାଜପା ସମର୍ଥକ ଦିବ୍ୟରଞ୍ଜନ ସାହୁ(୨୮) ଗୁରୁତର ହୋଇଛନ୍ତି । ଏ ଘଟଣା ଜଣାପଡିବା ପରେ ରାଜପାଟଣା ଓ ନାସେଣାରେ ଉତ୍ତେଜନା ପ୍ରକାଶ ପାଇଛି । ନାଉସେଣାର ଦିବ୍ୟରଞ୍ଜନ ସାହୁଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ଏମସ୍‌କୁ ସ୍ଥାନାନ୍ତର କରାଯାଇଛି । ଏହି ଘଟଣାରେ ରାଜପାଟଣା ସରପଞ୍ଚ, ସରପଞ୍ଚଙ୍କ ଭାଇଙ୍କ ସମେତ ୩ଜଣଙ୍କ ନାଁରେ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ନୀର ପଲେଇଙ୍କୁ ଗିରଫ କରିଛି ।

ମା'କବିତା ସାହୁଙ୍କ ଅଭିଯୋଗ ଅନୁସାରେ ପୁଅ ଦିବ୍ୟରଞ୍ଜନ ନୟାଗଡ ଅମରେନ୍ଦ୍ର ବଜାରରେ ଏକ ହୋଲସେଲ ଦୋକାନ କରିଛନ୍ତି । ବୁଧବାର ରାତି ୧୦ଟାରେ ପରେ ଦୋକାନ ବନ୍ଦ କରି ସେ ଘରକୁ ଫେରୁଥିଲେ । ସେହି ସମୟରେ ରାଜପାଟଣା ଛକରେ ଦିବ୍ୟରଞ୍ଜନଙ୍କୁ ନାଉସେଣାର ୨ ଭାଇ ସଦା ନାୟକ ଓ ବ୍ରହ୍ମାନନ୍ଦ ନାୟକ, ରଘୁନାଥ ପ୍ରସାଦର ନୀର ପଲେଇଙ୍କ ସମେତ ଏକାଧିକ ବ୍ୟକ୍ତି ମିଳିତ ଭାବେ ଖଣ୍ଡା ଓ କଟୁରୀରେ ଆକ୍ରମଣ କରିଥିଲେ । ଏ ନେଇ ପୋଲିସ ଏକ ମାମଲା(ନଂ.୧୯୮/୨୩) ରୁଜୁ କରି ତଦନ୍ତ ଜାରି ରଖିଛି । ନୀର ପଲେଇଙ୍କୁ ଗିରଫ କରାଯାଇଛି ।

# ଖଣିରେ ଚଢ଼ାଉ ବେଳେ ଆକ୍ରମଣ, ୪ ଆରଆଇ ଆହତ

## ମୁଖ୍ୟ ଅଭିଯୁକ୍ତ ସମେତ ୨ ଗିରଫ

ନୟାଗଡ଼(ଲୋକନାଥ ମିଶ୍ର)/
ରଣପୁର,୧୧।୧୦(ସୁକାନ୍ତ କିଶୋର ଡାକୁଆ):

ନୟାଗଡ଼ ଜିଲା ରଣପୁର ତହସିଲ ଚାନ୍ଦପୁର ଥାନା ଜଙ୍କିଆ ନିକଟସ୍ଥ ଗୁମୁରା ବେଆଇନ ମାଙ୍କଡ଼ା ଖଣି ଉପରେ ବୁଧବାର ରାତିରେ ଚଢ଼ାଉ ବେଳେ ଖଣିଚୋରମାନେ ମିଳିତ ଆକ୍ରମଣ କରିଛନ୍ତି । ଏହି ଆକ୍ରମଣରେ ଝାଡପଡା ଆରଆଇ ରମାକାନ୍ତ ବେହେରା, ରାଇପଡା ଆରଆଇ ରାକେଶ ରଞ୍ଜନ ସେଠୀ, ଚାନ୍ଦପୁର ଆରଆଇ ସରୋଜ କୁମାର ଦାସ, ରାଜସୁନାଖଳା ଆରଆଇ ସୁକାନ୍ତ ମାଝି ପ୍ରମୁଖ ଆହତ ହୋଇଛନ୍ତି । ଆହତଙ୍କୁ ଚାନ୍ଦପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତହସିଲଦାର ରବିନ ଚର୍ଚ୍ଚିଲଙ୍କ ଅଭିଯୋଗ ପରେ ଚାନ୍ଦପୁର ଥାନା ପୋଲିସ ଘଟଣାର ମୁଖ୍ୟଅଭିଯୁକ୍ତ ଜଙ୍କିଆ ଗାଁର ପୂର୍ଣ୍ଣସାଗର ମାଝିଙ୍କ ସମେତ ଦୀପକ କୁମାର ପରିଡ଼ାଙ୍କୁ ଗିରଫ କରିଛି । ଅଭିଯୋଗ ଅନୁଯାୟୀ, ଖଣିଚୋରକୁ ରୋକିବା ପାଇଁ ରଣପୁର ତହସିଲଦାର ୩ଟି ଟିମ୍ ଗଠନ କରିଥିଲେ । ଜଙ୍କିଆ ନିକଟସ୍ଥ ଗୁମୁରା ବେଆଇନ ମାଙ୍କଡ଼ା ଖଣିରେ ରାତିରେ ଖଣି ଖନନ ହେଉଥିବା ଜଣାପଡିଥିଲା । ଏହି ଟିମ୍ ମିଳିତ ଭାବେ ଗୁମୁରା ବେଆଇନ ମାଙ୍କଡ଼ା ଖଣି ଉପରେ ବୁଧବାର ରାତିରେ ଚଢ଼ାଉ କରିଥିଲେ । ରାତିରେ ଖଣି କାର୍ଯ୍ୟ ଚାଲୁ ରହିଥିଲା । ରାଜସ୍ୱ ବିଭାଗର ଟିମ୍‌କୁ ଦେଖି ୨୫ରୁ ଊର୍ଦ୍ଧ୍ୱ ପଥର ଚୋର ପଳାଇ ଯାଇଥିଲେ । ରାଜସ୍ୱ ବିଭାଗର ଟିମ୍ ଖଣି ଖନନରେ ବ୍ୟବହୃତ ଉପକରଣ ଜବତ କରୁଥିବାବେଳେ ସେମାନେ ଫେରି ମିଳିତ ଭାବେ ଆକ୍ରମଣ କରିଥିଲେ ।

# ଟ୍ରାନ୍ସଫର୍ମର ଅଚଳରୁ ପାନୀୟ ଜଳ ଯୋଗାଣ ବନ୍ଦ

ଓଡଗାଁ,୧୨।୧୦(ଆଦର୍ଶ କୁମାର ପଟ୍ଟନାୟକ )


ଅଚଳ ହୋଇପଡିଥିବା ଜଳଯୋଗାଣ ପ୍ରକଳ୍ପ ।

ଟ୍ରାନ୍ସଫର୍ମର ଅଚଳ କାରଣରୁ ପାନୀୟ ଜଳ ଯୋଗାଣରୁ ଲୋକେ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ସାକେରୀ ଗ୍ରାମପଞ୍ଚାୟତ ଗର୍ଜନୀ-ନୂଆକୁଶଡିପି ଗ୍ରାମରେ ଏପରି ସମସ୍ୟା ଚିନ୍ତାର କାରଣ ହୋଇଛି। ଉପରୋକ୍ତ ୨ ଗ୍ରାମର ପ୍ରାୟ ୧୫୦ ପରିବାର ପାଣି ବାଲ୍‌ଟିଏ ପାଇଁ ଦହଗଞ୍ଜ ହେଉଛନ୍ତି।

ସୂଚନା ଅନୁଯାୟୀ, ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ନିମନ୍ତେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ତରଫରୁ ଉଭୟ ଗ୍ରାମ ମଝିରେ ଏକ ପ୍ରକଳ୍ପ ନିର୍ମାଣ କରାଯାଇଛି । ଏହାଦ୍ୱାରା ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ଭୂତଳ ପାନୀୟ ଜଳ ପାଉଥିଲେ । ହେଲେ ଏହି ପ୍ରକଳ୍ପ ଅଚଳ ରହିବା କାରଣରୁ ଗ୍ରାମବାସୀ ଫ୍ଲୋରାଇଡ ଯୁକ୍ତ ନଳକୂପ ପାଣି ପିଇବାକୁ ବାଧ ହେଉଛନ୍ତି। ଏହିକାରଣରୁ ପ୍ରାୟ ସବୁପିଲାଙ୍କ ଦାନ୍ତ ହଳଦିଆ ପଡ଼ିଯାଇଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷେ ଏହି ପାନୀୟ ଜଳ ପ୍ରକଳ୍ପ ପରିସରରେ ବସିଥିବା ଟ୍ରାନ୍ସଫର୍ମର ୨୦ ଦିନ ହେଲା ଅଚଳ କାରଣରୁ ଲୋକେ ପିଇବାକୁ ପାଣି ପାଉନାହାନ୍ତି । ଏନେଇ ଗ୍ରାମବାସୀ ସାକେରୀ ସରପଞ୍ଚ, ଟାଟା ପ୍ରକଳ୍ପର ବିଭାଗୀୟ ଜେଇଙ୍କ ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ପାଇ ନ ଥିବା କହିଛନ୍ତି। ଏପରି କି ଗ୍ରାମବାସୀ ଟାଟା ପାୱାର ଜେଇ-୨ଙ୍କ କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରିଥିବା କହିଛନ୍ତି । ଏନେଇ ଟାଟା ପାୱାର ଜେଇ-୨ ଜିତେନ୍ଦ୍ର କୁମାର ମହାରଣାଙ୍କୁ ତାଙ୍କ ବିଭାଗୀୟ ଫୋନ ୯୪୩୭୫୫୫୪୩୮ ଓ ଟାଟା ପାୱାର ଏସ୍‌ଡିଓଙ୍କୁ ୯୪୩୭୫୫୫୫୧୬ରେ ଯୋଗାଯୋଗ କରାଯାଇଥିଲା । କିନ୍ତୁ ସେମାନେ ଫୋନ ରିସିଭ କରି ନ ଥିଲେ। ହେଲେ ଟାଟା ପାୱାର ପରିଚାଳକ ସନ୍ତୋଷ କୁମାର ମହାପାତ୍ର ଦିନେ ଦୁଇଦିନ ମଧ୍ୟରେ ଟ୍ରାନ୍ସଫର୍ମର ବସାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

### ସାମ୍ପ୍ରଦାୟିକ ସଦଭାବନା ସମ୍ପର୍କରେ ଆଲୋଚନାଚକ୍ର

ଜି.ଉଦୟଗିରି,୧୨।୧୦(ଶିଶିର ପଟ୍ଟନାୟକ)

ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟଠାରେ ସାମ୍ପ୍ରଦାୟିକ ସଦଭାବନା ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେରଙ୍କ ସଭାପତିତ୍ୱରେ ଯୁକ୍ତ ଦୁଇ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ନିମନ୍ତେ ଉଦ୍ଦିଷ୍ଟ 'ସାଂପ୍ରଦାୟିକ ସଦଭାବନା' ସମ୍ପର୍କରେ ଆୟୋଜିତ ଆଲୋଚନା ଚକ୍ରରେ ଆଲୋଚକ ଭାବେ ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ବିନାୟକ ବିଶ୍ୱାଳ ଏବଂ ଓଡ଼ିଆ ବିଭାଗ ମୁଖ୍ୟା ଅଧ୍ୟାପିକା ସୁପ୍ରିୟା ମହାନ୍ତି ଯୋଗଦେଇଥିଲେ। ଅଧ୍ୟାପକ ଡଃ ନଳିନୀ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଝୁନୁମା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଇପ ଲାଇନ ଗର୍ତ୍ତ ପୋତିବାରେ ବିଳମ୍ବ

## ୧ମାସରେ ୩୫ ଦୁର୍ଘଟଣା

ନୟାଗଡ଼,୧୨।୧୦(ଲୋକନାଥ ମିଶ୍ର):

ନୟାଗଡ଼ ସହରରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ମାଟି ତଳେ ପାଇପ୍ ବିଛା କାର୍ଯ୍ୟ ଚାଲୁ ରହିଛି । ତେବେ ପାଇପ୍ ଲାଇନ ବିଛାଇବା ପାଇଁ କରାଯାଇଥିବା ଗର୍ତ୍ତକୁ ଠିକାଦାର ପୋତିବାରେ ବିଳମ୍ବ କରୁଥିବାରୁ ଲୋକମାନେ ହଇରାଣ ହରକତ ହେଉଛନ୍ତି । ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ.ଜାତୀୟ ରାଜପଥର ନୟାଗଡ଼ ପାର୍କ ସମ୍ମୁଖରେ ଥିବା ରାଜାବଗିଚା ଲେନକୁ ଯିବାକୁ ଥିବା ସଂଯୋଗ ରାସ୍ତାରେ ପାଇପ୍ ଲାଇନ ବିଛାଯାଇଛି । ତେବେ ଜାତୀୟ ରାଜପଥର ପିଚୁ ଓ ରାଜାବଗିଚାକୁ ପଡିଥିବା ସିମେଣ୍ଟ ରାସ୍ତାରେ ଠିକାଦାର ମାଟି ପୋତି ପକାଇଥିବାରୁ ଗର୍ତ୍ତ ହୋଇ ଦୁର୍ଘଟଣା ଘଟୁଛି । ନୟାଗଡ଼ ସହରର ସେହି ଅଞ୍ଚଳ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇଥିବାବେଳେ ଠିକାଦାରଙ୍କ ଅଣଦେଖା ଓ ଜନସ୍ୱାସ୍ଥ୍ୟ ବିଭାଗର ନୀରବତା ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି । ଗତ ୧ମାସ ମଧ୍ୟରେ ୩୫ରୁ ଊର୍ଦ୍ଧ୍ୱ ଛୋଟବଡ଼ ଦୁର୍ଘଟଣା ଘଟି ସାରିଲାଣି । ତଥାପି ଜନସ୍ୱାସ୍ଥ୍ୟ ବିଭାଗର ନିଦ ଭାଙ୍ଗୁ ନାହିଁ । ଏଭଳି ସ୍ଥଳେ କେତେଜଣ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଶୁଣିବାକୁ ମିଳିଛି ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଦଶପଲ୍ଲା,୧୨।୧୦(ପ୍ରକାଶ କୁମାର ପାଣି)

ଅଖିଳ ଭାରତ ଏଗ୍ରିକଲଚର ୱାର୍କର୍ସ ୟୁନିୟନ ସହବନ୍ଧିତ ଓଡ଼ିଶା କ୍ଷେତ ମଜଦୁର ୟୁନିୟନ ଦଶପଲ୍ଲା ବ୍ଲକ କମିଟି ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୪ ଦଫା ସମ୍ବଳିତ ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସରକାର ଅଧିକ ବ୍ୟୟବରାଦ କରି ଦୈନିକ ୬ ଶହ ଟଙ୍କା ମଜୁରିରେ ବର୍ଷକୁ ୨ ଶହ ଦିନର କାମ ଦେବା, ଏଥିରେ ଥିବା କଟକଣା ଯଥା ଅନ୍ ଲାଇନରେ ଦିନକୁ ଦୁଇଥର ଉପସ୍ଥାନ ଦେବା, ଜାତିଭିତ୍ତିରେ ମଜୁରି ପ୍ରଦାନ କରିବା ନିୟମକୁ କେନ୍ଦ୍ର ସରକାର ପ୍ରତ୍ୟାହାର କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତାବ ଦିଅନ୍ତୁ, ଠିକାଦାର ଓ ମେଶିନ ଦ୍ୱାରା ହେଉଥିବା କାମକୁ ବନ୍ଦ କରାଯାଉ ବୋଲି ଦାବି କରାଯାଇଛି । ଓଡ଼ିଶାରେ କ୍ଷେତ ମଜଦୁରମାନଙ୍କ ପାଇଁ କଲ୍ୟାଣ ବୋର୍ଡ ଗଠନ କରି ସାମାଜିକ ସୁରକ୍ଷା ପ୍ରଦାନ କରାଯାଉ। ୬୦ ବର୍ଷରୁ ଊର୍ଦ୍ଧ୍ୱ କ୍ଷେତ ମଜଦୁରମାନଙ୍କୁ ମାସିକ ୩ ହଜାର ଟଙ୍କା ପେନସନ ପ୍ରଦାନ କରାଯାଉ। ସମସ୍ତ ଭୂମିହୀନଙ୍କୁ ଘରଡିହ ଓ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଉ। କୃଷି ଶ୍ରମିକମାନଙ୍କ ନିମନ୍ତେ କେନ୍ଦ୍ରୀୟ ଆଇନ ପ୍ରଣୟନ କରାଯାଉ। ଓଡ଼ିଶା କ୍ଷେତ ମଜଦୁର ୟୁନିୟନ ଦଶପଲ୍ଲା ବ୍ଲକ କମିଟି ପକ୍ଷରୁ ସାଧୁ ଚରଣ ନାୟକ,ବିରଞ୍ଚି ନାଏକ, ମଦନ ନାଏକ ଓ ବିପିନ ବଜ୍ଜୁ ପ୍ରମୁଖ ପ୍ରତିନିଧି ମଣ୍ଡଳୀ ତହସିଲଦାରଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି ।

# ଜଳଭଣ୍ଡାରରୁ କେନାଲରେ ପାଣି ଛାଡିବାକୁ ଚାଷୀଙ୍କ ଦାବି


ଦାବିପତ୍ର ଦେବାକୁ ଆସିଥିବା ଚାଷୀ।

ଦଶପଲ୍ଲା,୧୨।୧୦ (ପ୍ରକାଶ କୁମାର ପାଣି)

ଦଶପଲ୍ଲା-ଭଞ୍ଜନଗର ରାସ୍ତାରେ ଥିବା ମହିଷିଆ ଜଳ ପ୍ରକଳ୍ପ ଅଧୀନରେ ଥିବା ଜଳ ଭଣ୍ଡାରରୁ ତାର କେନାଲରେ ଜଳ ଛାଡ଼ିବା ପାଇଁ ଅଞ୍ଚଳର ଚାଷୀମାନେ ଗୁରୁବାର ଜଳସେଚନ ବିଭାଗର ଏସ୍‌ଡିଓଙ୍କୁ ଦାବି ଜଣାଇଛନ୍ତି। ଉକ୍ତ ଜଳ ଭଣ୍ଡାରରୁ ତେଣ୍ଡାବାଡି ପଞ୍ଚାୟତ ପୋଇବାଡି ଏବଂ ଆଖପାଖ ଅଞ୍ଚଳରେ ଥିବା ଚାଷ ଜମିକୁ ଜଳ ଯାଇଥାଏ। ପ୍ରାୟ ୮କିମି ଦୂର ପର୍ଯ୍ୟନ୍ତ ଚାଷ ଜମିକୁ ଜଳ ମାଡ଼ିଥାଏ। କିନ୍ତୁ କେନାଲର ରକ୍ଷଣାବେକ୍ଷଣ ଅଭାବରୁ ଏହା ପୋତି ହୋଇଯିବାରୁ ପ୍ରାୟ ୧ କିମି ଯାଏ ପାଣି ଯାଉଛି। ଅବଶିଷ୍ଟ ଜଳ ଯାଉ ନ ଥିବା ଅଭିଯୋଗ ହୋଇଛି। କେନାଲରେ ଗଛ ପତ୍ର ଉଠିଛି। କେନାଲ ଉପରେ ନିର୍ଭରଶୀଳ ଚାଷ ଜମିକୁ ପାଣି ଯାଉ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ମାଛ ଚାଷ ପାଇଁ ଉକ୍ତ ଜଳଭଣ୍ଡାର ହୋଇନାହିଁ ଚାଷ ଜମିକୁ ଜଳସେଚନ ପାଇଁ ଏହା ହୋଇଥିବା ଚାଷୀମାନେ କହିବା ସହ କେନାଲ ଶୀଘ୍ର ସଫେଇ କରି ଚାଷ ଜମିକୁ ଜଳଯୋଗାଣ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ୭ ଦିନ ମଧ୍ୟରେ ଏହାର ପ୍ରତିକାର କରି ନ ଗଲେ ଜଳ ସେଚନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚାଷୀମାନେ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। ଚାଷୀ ଚନ୍ଦ୍ରମଣି ବିଶୋଇ, କିଶୋର ଚନ୍ଦ୍ର ଦଳବେହେରାଙ୍କ ନେତୃତ୍ୱରେ ବହୁ ଚାଷୀ ବିଭାଗୀୟ ଏସଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ସୁରଭି ମହୋତ୍ସବ, ମିଲେଟ୍‌ସ ପ୍ରତିଯୋଗିତା

ଭାପୁର,୧୨।୧୦
(ଭରତ କୁମାର ବେହେରା)


ସୁରଭି କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ।

ଭାପୁର ବ୍ଲକ କରବର ପଞ୍ଚାୟତ ନଣ୍ଡାବର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ସୁରଭି ମହୋତ୍ସବ ୨୦୨୩ ଓ ଓଡ଼ିଶା ମିଲେଟସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭାପୁର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର୍ଷଣ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ସୁରଭି ଓ ଓଡ଼ିଶା ମିଲେଟସ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସୁରଭି କାର୍ଯ୍ୟକ୍ରମକୁ ଭାପୁର ଅଞ୍ଚଳର ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ପ୍ରାକ୍ତନ ଭାପୁର ଗୋଷ୍ଠୀ ଶିକ୍ଷାଧିକାରୀ ହରିହର ସାହୁ, ସମ୍ମାନିତ ଅତିଥି ଭାପୁର ସହ ଗୋଷ୍ଠୀ ଶିକ୍ଷାଧିକାରୀ ଦଣ୍ଡପାଣି ନାୟକ,ଏସ୍‌ଏମ୍‌ସି ଚେୟାରମ୍ୟାନ ଜୟକୃଷ୍ଣ ବେହେରା ଓ ପ୍ରଧାନଶିକ୍ଷକ ତଥା ସାଙ୍ଗଠନିକ ସମ୍ପାଦକ ବିଜୟ କୁମାର ହାତୀ। ମଞ୍ଚ ସଞ୍ଚାଳନ କରିଥିଲେ ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଦାସ। ଅପରାହ୍ନରେ ଉଦ୍‌ଯାପନୀ ଉତ୍ସବରେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନଶିକ୍ଷକ ନିରଞ୍ଜନ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାପୁର ଗୋଷ୍ଠୀ କୃଷି ଅଧିକାରୀ ବିରଞ୍ଚି ନାରାୟଣ ମଙ୍ଗରାଜ, ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ସ୍ଥାନୀୟ ସରପଞ୍ଚ ଉଷାରାଣୀ ସାହୁ, ସମିତିସଭ୍ୟ ତପନ କୁମାର ମହାପାତ୍ର, ଭାପୁର ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ପ୍ରଭାକର ସାମନ୍ତରାୟ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ସୃଜନାତ୍ମକ ଦକ୍ଷତା ଉପରେ ଆଲୋକପାତ କରିଥିଲେ। ଜୁନିୟର ଓ ସିନିୟର ବର୍ଗରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ, ବକ୍ତୃତା, ସଙ୍ଗୀତ ଆଦି ପ୍ରତିଯୋଗୀରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଭାପୁର ବ୍ଲକର ଶିକ୍ଷକ ସଂଘର ନେତା ପ୍ରଶନ୍ନ କୁମାର ଲେଙ୍କା ପରିଚାଳନା କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତାକୁ ପଠାଯିବ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି ।

